ସାପ୍ତାହିକ

# ସ୍ୱୀକାର

Postal Regd. No.: SBP/RN-01/2022-2024

The Sweekar ସ୍ୱୀକାର

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.26 | Issue - 17 | 24 - 30 April 2022 | Sambalpur | Page-12 | Invitation Price Rs.10


## ବିସ୍ମୟ ବାଳିକା ଅନଭୀ ଅଗ୍ରୱାଲ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ



ଭୁବନେଶ୍ୱର : ଲଣ୍ଡନର ୱାର୍ଲଡ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଥିବା ଅଢ଼େଇ ବର୍ଷ ବୟସର ବିସ୍ମୟ ବାଳିକା ଅନଭୀ ଅଗ୍ରୱାଲ ତାଙ୍କ ମା ଅନୁରାଧା ଡ଼ାଲମିଆ ଅଗ୍ରୱାଲଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ କରି ସେ ଆଙ୍କିଥିବା ବିରଳ ଚିତ୍ର ପ୍ରଦାନ କରିଛନ୍ତି । ଭୁବନେଶ୍ୱରରେ ରହୁଥିବା ଅନ୍‌ଭୀ ଏ ପର୍ଯ୍ୟନ୍ତ ୭୨ ଟି ଚିତ୍ର ଆଙ୍କିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କଲାବେଳେ ତାଙ୍କର ଅଜା ସମ୍ବଲପୁରର ବିଶିଷ୍ଟ ବ୍ୟବସାୟୀ କେଶବ ଡାଲମିଆ ଓ ତାଙ୍କ ଧର୍ମପତ୍ନୀ ସୁମନ ଡାଲମିଆ ମଧ ଉପସ୍ଥିତ ଥିଲେ ।

## କର୍ଣ୍ଣେଲ ପ୍ରଭାତ ପଣ୍ଡା ହେଲେ ୟୁସିଆଇଏଲର ସାଧୀନ ନିର୍ଦ୍ଦେଶକ

ସମ୍ବଲପୁର : ବିଜେପି ନେତା କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା ୟୁରାନିୟମ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ (ୟୁସିଆଇଏଲ)ର ସ୍ୱାଧୀନ ନିର୍ଦ୍ଦେଶକ ରୂପେ ନିଯୁକ୍ତି ପାଇଛନ୍ତି । ସେ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଏହି ପଦବିରେ ରହିବେ । ଏଥିପାଇଁ ତାଙ୍କୁ ଭୋଲା ମହନ୍ତମଙ୍କ ନେତୃତ୍ୱରେ ଏନ.ସି.ସି.ର ପୂର୍ବତନ କ୍ୟାଡେଟ୍ ମାନେ ସ୍ୱାଗତ ଜଣାଇଥିଲେ ।



# ଓଡ଼ିଶାର ମହାନ ସଂସ୍କୃତି ସବୁଦିନ ପାଇଁ ବଞ୍ଚି ରହିବ : ରାଜ୍ୟପାଳ






## ଓଡ଼ିଶା ସାଂସ୍କୃତିକ ସମାଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ସମ୍ବଲପୁର : ଉତ୍କଳ ମାଟିର ସଂସ୍କୃତି ହଜାର ହଜାର ବର୍ଷ ତଳର । ଏହି ମାଟି ଅନେକ ବରପୁତ୍ରଙ୍କୁ ଜନ୍ମ ଦେଇଛି । ଏହି ମାଟି କଳା, ସଂସ୍କୃତିର ମାଟି । ଏହା ହେଉଛି ଜ୍ଞାନୀ, ଗୁଣୀ, ବୁଦ୍ଧିମାନ, ଗୁରୁଙ୍କ ଭୂମି । ଏହି ଭୂମି ସ୍ନେହ, ପ୍ରେମ ଓ ଭାତୃଭାବ ଶିଖାଇଥାଏ । ଦୁନିଆଁ କେଉଁଠି ଅଛି ଏବଂ ଆମେ କେଉଁଠି ଅଛୁ, ତାହା ଦେଖିବା କଥା । ମୁଁ ନ ଥିଲି, ଆଗକୁ ବି ମୁଁ ନଥାଇ ପାରେ କିନ୍ତୁ ଏହି ପବିତ୍ର ଓଡ଼ିଶା ଭୂମିର ମହାନ ସଂସ୍କୃତି ସବୁଦିନ ବଞ୍ଚି ରହିଥିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ କହିଛନ୍ତି ।

ରାଜ୍ୟର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ସାଂସ୍କୃତିକ ସମାଜର ଦୁଇଦିନ ବ୍ୟାପୀ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି । ସଭାପତି ପ୍ରଫୁଲ୍ଲ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସମ୍ପାଦକ ସରୋଜ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ସାଂସ୍କୃତିକ ସମାଜର ସ୍ମରଣିକା ଓ ବରପୁତ୍ରର ଚତୁର୍ଥ ସଂସ୍କରଣ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶା ସାଂସ୍କୃତିକ ସମାଜର ଯାତ୍ରାକୁ ନେଇ ଡକ୍ଟର ଗୌରିଦାସ ପ୍ରଧାନଙ୍କ ରଚିତ ସଙ୍ଗୀତ କଳା ପରିଷଦର କଳାକାର ମାନେ ପରିବେଷଣ କରିଥିଲେ । ଏହି ଅବସରରେ ଶିକ୍ଷା ଓ ସଂସ୍କୃତିପ୍ରେମୀ ଭାବେ ପ୍ରଫେସର ମୀନକେତନ ପୁରୋହିତ ଏବଂ କରୋନା ସମୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭୀମସାର୍‌ର ଭେଷଜ ବିଭାଗ ପ୍ରଫେସର ଡାକ୍ତର ପ୍ରଦୀପ ମହାନ୍ତି, ସୁନ୍ଦରଗଡ଼ର ଫାର୍ମାସିଷ୍ଟ ତାରାଶଙ୍କର ପତି, ବରଗଡ଼ର ଆଟେଣ୍ଡାଣ୍ଟ ଠାକୁର ମଲ୍ଲିକ, ସଫେଇ କର୍ମଚାରୀ ଗୌରୀ କଳେତ ଓ ଚାଷୀନେତା ଲିଙ୍ଗରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ ସମାଜର ସଂପାଦକ ସରୋଜ ଦାଶ ପ୍ରାରମ୍ଭିକ ସୂଚନା ଓ ଡକ୍ଟର ଗୌରୀଦାସ ପ୍ରଧାନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପୂର୍ବରୁ ରାଜ୍ୟପାଳ ଓଡ଼ିଶା ସାଂସ୍କୃତିକ ସମାଜର ମ୍ୟୁଜିୟମ୍ ହଲ୍ ଓ ସୌରଶକ୍ତି ପ୍ରକଳ୍ପର ଲୋକାର୍ପଣ କରିଥିଲେ ।

(ଅବଶିଷ୍ଟାଂଶ ୧୧ ପୃଷ୍ଠାରେ)

# ପ୍ରଶାସନିକ ସେବା ଦିବସରେ ପ୍ରଧାନମନ୍ତ୍ରୀଙ୍କ ପୁରସ୍କାର ପାଇଲେ ଉଷା ପାଢ଼ୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଶାସନିକ ସେବା ଦିବସ ଅବସରରେ 'ପ୍ରଶାସନିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ପୁରସ୍କାର' ପ୍ରଦାନ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଜିତେନ୍ଦ୍ର ସିଂ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର, କ୍ୟାବିନେଟ୍ ସଚିବ ଶ୍ରୀ ରାଜୀବ ଗୌବା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

ସମାରୋହରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ପ୍ରଶାସନିକ ସେବା ଦିବସ ଉପଲକ୍ଷେ ସବୁ 'କର୍ମଯୋଗୀ' ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ପ୍ରଶାସନରେ ସୁଧାର ଆଣିବା ଏବଂ ପରସ୍ପର ମଧ୍ୟରେ ଜ୍ଞାନର ବିତରଣ କରିବା ଲାଗି ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ସାଧାରଣ ନାଗରିକଙ୍କ କଲ୍ୟାଣ ପାଇଁ ଜିଲ୍ଲା/କାର୍ଯ୍ୟକାରୀ ସଂସ୍ଥା ଏବଂ କେନ୍ଦ୍ର/ରାଜ୍ୟ ସଂଗଠନଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା



ଉଲ୍ଲେଖନୀୟ ଏବଂ ଅଭିନବ କାର୍ଯ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଲାଗି "ସାଧାରଣ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପୁରସ୍କାର'ର ପ୍ରଦାନ କରାଯାଇଥାଏ । ନିର୍ଦ୍ଦିଷ୍ଟ ପ୍ରାଥମିକତା ଆଧାରିତ କାର୍ଯ୍ୟକ୍ରମର ପ୍ରଭାବୀ କାର୍ଯ୍ୟକାରିତା ଏବଂ ନବୋନ୍ମେଷର ପାଇଁ ମଧ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ନିମ୍ନ ପାଞ୍ଚଟି ଚିହ୍ନଟ ପ୍ରାଥମିକତା କ୍ଷେତ୍ରର ଅଭିଯାନରେ 'ଜନ ଭାଗିଦାରୀ'କୁ ପ୍ରୋତ୍ସାହନ, ଖେଲୋ ଇଣ୍ଡିଆ ଯୋଜନା ଜରିଆରେ କ୍ରୀଡ଼ା ଓ ସୁସ୍ଥତା କ୍ଷେତ୍ରରେ ଉତ୍କର୍ଷତାକୁ ପ୍ରୋତ୍ସାହନ, ପିଏମ ସ୍ୱନିଧି ଯୋଜନାରେ ଡିଜିଟାଲ ପେମେଣ୍ଟ ଓ ଉତ୍ତମ ପ୍ରଶାସନକୁ ପ୍ରୋତ୍ସାହନ, ଏକ ଜିଲ୍ଲା ଏକ ଉତ୍ପାଦ ଯୋଜନା ମାଧ୍ୟମରେ ସାମଗ୍ରିକ ବିକାଶ,ବାଧାମୁକ୍ତ, ମାନବୀୟ ହସ୍ତକ୍ଷେପ ବିନା ଅନ୍ତିମ ସୋପାନରେ ସେବା ପ୍ରଦାନ ସାଧାରଣ ପ୍ରଶାସନ/ସେବା ଯୋଗାଣ ଆଦି କ୍ଷେତ୍ରରେ ପାଞ୍ଚଟି ଚିହ୍ନଟ ପ୍ରାଥମିକତା କ୍ଷେତ୍ର କାର୍ଯ୍ୟକ୍ରମ ଏବଂ ନବୋନ୍ମେଷ ପାଇଁ ମୋଟ୍ ୧୬ଟି ପୁରସ୍କାର ଚଳିତ ବର୍ଷ ପ୍ରଦାନ କରାଯାଇଛି । ଓଡ଼ିଶା କ୍ୟାଡରର ଆଇଏସ୍ ଅଧିକାରୀ ତଥା ବର୍ତ୍ତମାନ ବେସାମରିକ ବିମାନ ଚଳାଚଳ




କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ କରିବା ପାଇଁ ପ୍ରଶାସନିକ ସେବା ଦିବସ ୨୦୨୨ରେ ପୁରସ୍କାର ପ୍ରଦାନ କରାଯାଇଛି । ପୋଷଣ ... ମନ୍ତ୍ରଣାଳୟର ଅଧିକାରୀ ଶ୍ରୀମତୀ ଉଷା ପାଢ଼ୀ ଉଡାନ ଯୋଜନା ପାଇଁ ଏ ଅବସରରେ ପ୍ରଧାନ ମନ୍ତ୍ରୀ ପୁରସ୍କାର ଗ୍ରହଣ କରିଥିଲେ ।

## ଏ ସଂଖ୍ୟାରେ..



ଶରୀର ପାଇଁ କଦଳୀ


ଡାଳିମ୍ବର ଔଷଧୀୟ ଗୁଣ


ସକାଳର ଶୁଭାରମ୍ଭ ବାଦାମରୁ କରନ୍ତୁ


ଆଣ୍ଠୁଗଣ୍ଠି ଦରଜ ଓ ଅଦା ରସ


ଡାଳଚିନିର ଉପକାରିତା

# ସମ୍ବଲପୁର ପୋଲିସ୍‌ର ବଡ଼ ସଫଳତା

ସମ୍ବଲପୁର : ସମ୍ବଲପୁର ପୋଲିସ୍ ଇତି ମଧରେ ବିଭିନ୍ନ ଚୋରୀ ଘଟଣାର ପର୍ଦ୍ଦାଫାଶ କରି ବଡ଼ସଫଳତା ହାସଲ କରିଛି । ଏସ୍.ପି ବି.ଗଙ୍ଗାଧରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ୍ କର୍ମଚାରୀମାନେ ଘଟଣାର ତଦନ୍ତ କରି ଏହି ସଫଳତା ପାଇଛନ୍ତି ।

ପାରାଦୀପରୁ ରାଞ୍ଚି ଓ ରାୟପୁର ପର୍ଯ୍ୟନ୍ତ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆଇଓସିଏଲର ପେଟ୍ରୋଲିୟମ ତେଲ ପହଞ୍ଚାଇବା ନିମନ୍ତେ ମାଟିତଳେ ଥିବା ପାଇପ ଲାଇନ୍‌ରେ କଣା କରି ବର୍ଷାଧିକ କାଳ ହେବ ତେଲ ଚୋରି କରୁଥିବା ଏକ ଆନ୍ତଃରାଜ୍ୟ ଚୋର ଦଳକୁ ସମ୍ବଲପୁର ପୁଲିସ ଗିରଫ କରିଛି । ଏହି ଘଟଣାରେ ଜଣେ ପେଟ୍ରୋଲ ପମ୍ପ ମାଲିକଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ତେଲ ଡକାୟତି ମାମଲାରେ ଅନୁଗୋଳ ଜିଲାର ଦୁଷ୍ମନ୍ତ ନାୟକ (୩୩), ସିପୁନ ବେହେରା (୨୧), ମଳୟ କଣ୍ଠ (୨୨), ବିନୟ ନାଗ (୩୮), ସମ୍ବଲପୁର ତାଲଭଟ୍ଟାପଡାର ଦୀପକ କୁମାର ଗୋଏଲ (୩୮) ତଥା ଅଇଁଠାପାଲି ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପର ମାଲିକ ସୁବାସ ଅଗ୍ରୱାଲ(୬୮) କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ତେଲ ଡକାୟତିରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତି ସମେତ ୩ଟି ତେଲ ଟ୍ୟାଙ୍କର, ଏକ ବିଳାସପୂର୍ଣ୍ଣ କାର, ୮ଟି ମୋବାଇଲ ଫୋନ, ୧୮ ହଜାର ଲିଟର ଡିଜେଲ ଜବତ କରାଯାଇଛି ।

ଏହି ଦଳର ମାଷ୍ଟରମାଇଣ୍ଡ ସୋନୁ କୁମାର ଜେନା(୩୨)କୁ ଗତ ୧ ତାରିଖରେ ରେଢ଼ାଖୋଲ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଥିଲା । ଏଥିପୂର୍ବରୁ କତରବଗା ପୁଲିସ ଏହି ଦଳର ଅନ୍ୟ ସଦସ୍ୟ ଅନୁଗୋଳ ଜିଲାର ଦିବ୍ୟ ସାମଲ (୨୭), ଲିପକ କୁମାର ସାହୁ ଓରଫ ଲିପୁ(୨୯), ଉତ୍ତରପ୍ରଦେଶ ମୈନପୁରୀ ଜିଲାର ସୁଖେଣ୍ଡ ସିଂହ ଓରଫ ସୋନୁ (୩୫) ଏବଂ କନୌଜ ଜିଲାର ନିବାସୀ ସୁନୀଲ କୁମାର ଶର୍ମା (୪୦) କୁ ଗିରଫ କରି ଅଦାଲତ ଚାଲାଣ କରିଛି । ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ୨୩ଟି ମାମଲା ସମ୍ବଲପୁର, ଢେଙ୍କାନାଳ, ଝାରସୁଗୁଡ଼ା, ଅନୁଗୋଳ, ବରଗଡ଼, ଖୋର୍ଦ୍ଧା, କଟକ ଆଦି ଜିଲାରେ ଚାଲିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

ସୂଚନା ଅନୁସାରେ, ପାରାଦୀପରୁ ରାଞ୍ଚି ଓ ରାୟପୁର ପର୍ଯ୍ୟନ୍ତ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆଇଓସିଏଲର



ପେଟ୍ରୋଲିୟମ ତେଲ ପହଞ୍ଚାଇବା ନିମନ୍ତେ ମାଟିତଳେ ପାଇପ ଲାଇନ୍ ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଆଦି ଅଞ୍ଚଳ ଦେଇ ଯାଉଛି । ତେବେ ଗତବର୍ଷ ସେପଟେମ୍ବର ୨୧ ତାରିଖ ରାତିରେ ରେଢ଼ାଖୋଲ ଥାନା ଅନ୍ତର୍ଗତ କଡାପାଳ ଦେଇ ଯାଇଥିବା ତେଲ ପାଇପ ଲାଇନରେ ତେଲନ ଚାପ କମ୍ ରହୁଥିବା କମ୍ପାନୀର ନିୟନ୍ତ୍ରଣ କକ୍ଷ ପକ୍ଷରୁ ଜଣାପଡିବା ପରେ ତେଲ ଚୋରି ହେଉଥିବା ସନ୍ଦେହ ପ୍ରକାଶ ପାଇଥିଲା । ଏନେଇ ପୁଲିସ ଓ ଆଇଓସିଏଲ କର୍ତ୍ତୃପକ୍ଷଙ୍କୁ ଖବର ଦିଆଯାଇଥିଲା । ପୁଲିସ ଓ କମ୍ପାନୀ କର୍ମଚାରୀ ଘଟଣାସ୍ଥଳକୁ ପହଞ୍ଚି ଚୋର ଦଳକୁ ଧରିବାକୁ ଚେଷ୍ଟା କରିଥିବାବେଳେ ସେମାନେ ବିଭିନ୍ନ ଯନ୍ତ୍ରପାତି ଛାଡ଼ି ଫେରାର ହୋଇଯାଇଥିଲେ । ଏଥିପୂର୍ବରୁ ଏହି ଗ୍ୟାଙ୍ଗ ରେଢ଼ାଖୋଲ ଥାନା ଅନ୍ତର୍ଗତ ଖଜୁରୀଝରନ ଅଞ୍ଚଳରୁ ୨ଟି ଟ୍ୟାଙ୍କରରେ ୩୮ ହଜାର ଲିଟର ତେଲ ନେଇ ଫେରାର ହେବାରେ ସକ୍ଷମ ହୋଇଥିଲେ । ସେହିଭଳି ଜାନୁଆରୀ ମାସରେ କତରବଗା ଥାନାର କୁସୁମଡିହି ଅଞ୍ଚଳରେ ମଧ ଅନୁରୂପ ଭାବରେ ୧୮ ହଜାର ଲିଟର ତେଲ ଚୋରି କରିଥିଲେ । ଏହି ଗ୍ୟାଙ୍ଗର ଅପରାଧିକ ଗତିବିଧିକୁ ନେଇ ରେଢ଼ାଖୋଲ ଓ କତରବଗା ଥାନାରେ ଗତବର୍ଷ ସେପଟେମ୍ବର ୯ ତାରିଖରେ ରେଢ଼ାଖୋଲ ଥାନା ମାମଲା ସଂଖ୍ୟା ୧୭୧/୨୦୨୨ ଏବଂ କତରବଗା ଥାନାରେ ମାମଲା ସଂଖ୍ୟା ୬/୨୦୨୨ ରୁଜୁ କରାଯାଇ ତଦନ୍ତ ଚାଲିଥିଲା । ତଦନ୍ତ ସମୟରେ ଅନୁଗୋଳ ଜିଲା ହେମସରପଡାର ସୋନୁ ଜେନା ଓ ତେନ୍ତୁଲୋଇର ଦୁଷ୍ମନ୍ତ ନାୟକ ଓରଫ ରାଜୁ ଏକ ତେଲ ଡକାୟତି ଗ୍ୟାଙ୍ଗ କରିଥିବା ଜଣାପଡ଼ିଥିଲା । ସୋନୁ ଜେନା ଗଞ୍ଜେଇ କାରବାର ସହିତ ସମ୍ପୃକ୍ତ ଥିବାରୁ ଅନୁଗୋଳ ଥାନାର ୫୧୫/୨୦୧୬ ମାମଲା ଅନୁଯାୟୀ ଅନୁଗୋଳ ଜେଲରେ ଥିଲେ । ୨୦୧୮ ମସିହାରେ ଜରପଡା ଥାନାର ମାମଲା ସଂଖ୍ୟା ୩୧/୨୦୧୮ ଅନୁଯାୟୀ ଉତ୍ତର ପ୍ରଦେଶର କରନ ଶର୍ମା ମଧ ଅନୁଗୋଳ ଜେଲ ଯାଇଥିଲେ । ସେଠାରେ ଉଭୟଙ୍କ ମଧରେ ଜେଲରେ ବନ୍ଧୁତା ହୋଇଥିଲା । ତେଲ ଡକାୟତି ଘଟଣାର ମୁଖ୍ୟ ମାଷ୍ଟରମାଇଣ୍ଡ କରନ ଶର୍ମାଙ୍କ ପରାମର୍ଶରେ ସୋନୁ ଜେଲରୁ ମୁକୁଳିବା ପରେ ଦୁଷ୍ମନ୍ତଙ୍କ ସହିତ ମିଳିତ ଭାବରେ ଏକ ଗ୍ୟାଙ୍ଗ କରି ଆଇଓସିଏଲର ପେଟ୍ରୋଲିୟମ ଲାଇନରୁ ତେଲ ଚୋରି କରିବା ନିମନ୍ତେ ଯୋଜନାବଦ୍ଧ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । ପାଇପ ଲାଇନରୁ ତେଲ ଡକାୟତି କରିବା ପରେ ଏହି ଗ୍ୟାଙ୍ଗ ଉକ୍ତ ତେଲକୁ ଖୁଣ୍ଟୁଣି, ତାଳଚେର, ସମ୍ବଲପୁର ଆଦି ଅଞ୍ଚଳରେ ବିଭିନ୍ନ ପେଟ୍ରୋଲ ପମ୍ପ, ଠିକାଦାରଙ୍କୁ ଟ୍ୟାଙ୍କର ପିଛା ପ୍ରାୟ ୯ ଲକ୍ଷ ଟଙ୍କା, ଯାହାକି ବଜାର ଦରର ଅଧା ଦାମରେ ବିକ୍ରି କରୁଥିଲେ ।

ସେହିପରି ହୋଟେଲ ଶୀଲା ଟାୱାରରୁ ୩୯ ଲକ୍ଷ ଟଙ୍କା ହୋଇଥିବା ଚୋରୀ ଘଟଣାରେ ୩ ଜଣ କର୍ମଚାରୀ ଓ ଜଣେ ପୂର୍ବତନ କର୍ମଚାରୀଙ୍କୁ ପୋଲିସ୍ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୩୨ ଲକ୍ଷ ୧୦ ହଜାର ଟଙ୍କା ଜବତ କରିଛି । ତେବେ, ବାକି ୬ ଲକ୍ଷ ୯୦ ହଜାର ଟଙ୍କା ସଂପର୍କରେ ପୁଲିସକୁ ଏପର୍ଯ୍ୟନ୍ତ ସନ୍ଧାନ ମିଳି ପାରି ନାହିଁ । ଗତ ୧୫ ତାରିଖ ରାତିରେ ସମ୍ବଲପୁର ଭିଏସ୍‌ଏସ୍ ମାର୍ଗରେ ଥିବା ହୋଟେଲ୍ ଶୀଲା ଟାୱାର୍‌ର ଚତୁର୍ଥ ମହଲାରେ ଥିବା ଅଫିସ ପ୍ରକୋଷ୍ଠରୁ ନଗଦ ୩୯ ଲକ୍ଷ ଟଙ୍କା ଚୋରି ହୋଇଥିଲା । ହୋଟେଲ ମାଲିକଙ୍କ ହୋଟେଲ, ନିର୍ମାଣ କଂପାନି ସହିତ ଅନ୍ୟାନ୍ୟ ବ୍ୟବସାୟ ମଧ ରହିଛି । ସେସବୁ ବାବଦ ଟଙ୍କା ସେ ହୋଟେଲରେ ଏକାଠି ରଖିଥିଲେ । ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ବନାକାଲୋ ଗାଁ ନିବାସୀ ରାକେଶ ଓରଫ ଦିଲେଶ୍ୱର ବେହେରା ହେଉଛି ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ । ରାକେଶ ଏବେ ସମ୍ବଲପୁର ବାଲିବନ୍ଧାରେ ରହୁଛି । ଆଗରୁ ଶୀଲା ଟାୱାରର ବାର୍‌ରେ କାମ କରୁଥିଲା । କୌଣସି କାରଣରୁ ସେ ଦେଢ଼ ମାସ ତଳେ କାମ ଛାଡ଼ି ଦେଇଥିଲା । ତେବେ ପ୍ରାୟ ୪ ଦିନ ପୂର୍ବରୁ ହୋଟେଲର ସହକାରୀ ରୋଷେୟା ମାନସ ପ୍ରଧାନ, ୱେଟର ଯୋଗେଶ୍ୱର ବେହେରା, ରିସିପ୍ସନିଷ୍ଟ ଗୋବିନ୍ଦ ମଲ୍ଲିକଙ୍କ ସହିତ ଯୋଗାଯୋଗ କରି ଟଙ୍କା ଚୋରି ପାଇଁ ଯୋଜନା ପ୍ରସ୍ତୁତ କରିଥିଲା । ଘଟଣା ଦିନ ରାତିରେ ରାକେଶ ମରାମତି ପାଇଁ ହୋଟେଲ ପଛପଟେ କାନ୍ଥରେ ଲାଗିଥିବା ବାଉଁଶ ଷ୍ଟ୍ରକଚର ଦେଇ ହୋଟେଲକୁ ପ୍ରବେଶ କରିଥିଲା ।

ଚତୁର୍ଥ ମହଲାର ସିସିଟିଭି ଚାଲୁ ନଥିବାରୁ ତାକୁ ଚୋରି କରିବା ସହଜ ହୋଇଥିଲା । ଅଫିସ ପ୍ରକୋଷ୍ଠକୁ ଆସି ଆଲମାରୀ ଭାଙ୍ଗି ସେ ୩୯ ଲକ୍ଷ ଟଙ୍କା ନେଇ ଯାଇଥିଲେ । ପୂର୍ବ ଯୋଜନା ମୁତାବକ ଅନ୍ୟ ଅଭିଯୁକ୍ତମାନେ ରୋଷେଇ ଘର ପଛପଟ ଦ୍ୱାର ଖୋଲା ରଖିଥିବାରୁ ସେହି ବାଟ ଦେଇ ସେ ଚମ୍ପଟ ମାରିଥିଲା । ରାକେଶ ରାତିରାତି ଦେବଗଡ଼ ଜିଲ୍ଲାରେ ଥିବା ତାର ପୈତୃକ ଗାଁ ବନାକାଲୋକୁ ଯାଇ ଟଙ୍କା ରଖି ସେ ପୁଣି ସଂଗେସଂଗେ ଫେରି ଆସିଥିଲା । ଆରମ୍ଭରୁ ଏହି ମାମଲାରେ ହୋଟେଲ କର୍ମଚାରୀଙ୍କ ଭୂମିକାରେ ସନ୍ଦେହ ରହିଥିଲା । ବିଭିନ୍ନ କର୍ମଚାରୀଙ୍କୁ ଡାକି ପଚରାଉଚରା କରାଯିବା ଏବଂ ସେମାନଙ୍କ ମୋବାଇଲ ଫୋନ୍ ଏବଂ ସେମାନେ କଥାବାର୍ତ୍ତା ହୋଇଥିବା ବ୍ୟକ୍ତିଙ୍କ ମୋବାଇଲ ଫୋନ୍ ଲୋକେସନ୍ ଯାଂଚ କରିବାରୁ ଚୋରିର ସୁରାକ ମିଳି ଯାଇଥିଲା ।

ରାକେଶ ପଚରାଉଚରା କରିବା ପରେ ସତ ମାନି ଯାଇଥିଲା । ସଂଗେ ସଂଗେ ପୁଲିସ ଟିମ୍ ଏସ୍‌ଡିପିଓ ପ୍ରଦୀପ ସାହୁ, ଧନୁପାଲି ଥାନା ଅଧିକାରୀ ଅନୀତା ପ୍ରଧାନଙ୍କ ନେତୃତ୍ୱରେ ରାକେଶକୁ ଯାଇ ବନାକାଲୋ ଗାଁରେ ପହଂଚି ଥିଲେ । ରାକେଶ ତା'ଘରେ ମାଟି ତଳେ ଲୁଚାଇ ରଖିଥିବା ୩୨ ଲକ୍ଷ ୧୦ ହଜାର ଟଙ୍କା ଜବତ କରିଥିଲେ ବୋଲି ଏସ୍‌ପି ବି.ଗଂଗାଧର କହିଛନ୍ତି । ଅଭିଯୁକ୍ତ ମାନଙ୍କଠାରୁ ୫ଟି ମୋବାଇଲ ଫୋନ୍, କେତେକ ଶୀଲାଟାୱାରର ପୁରୁଣା ବିଲ୍, ସ୍କ୍ରୁ ବାର୍ ଆଦି ଜବତ କରାଯାଇଛି ।

ଅନ୍ୟ ଅଭିଯୁକ୍ତ ମାନଙ୍କ ମଧରୁ ମାନସ ପ୍ରଧାନର ଘର କଟକ ଜିଲ୍ଲା ନରସିଂହପୁର ଥାନା ଦଲକ ଗାଁ, ଯୋଗେଶ୍ୱର ବେହେରାର ଗାଁ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଦଣ୍ଡସିଂହା ଏବଂ ଗୋବିନ୍ଦ ମଲ୍ଲିକର ଗାଁ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ସିନ୍ଧିଯୁବା ଗାଁରେ ବୋଲି ଜଣାପଡ଼ିଛି । ହୋଟେଲ ମାଲିକ ଯଶବୀର ସିଂହୁରାଙ୍କୁ ଜବତ ୩୨ ଲକ୍ଷ ୧୦ ହଜାର ଟଙ୍କା ପୋଲିସ୍ ହସ୍ତାନ୍ତର କରିଛି ।

# ଓଟିଭିର ୨୫ ବର୍ଷ ପୂର୍ତ୍ତି ଅବସରରେ ସାଂସ୍କୃତିକ ସମାବେଶ

ସମ୍ବଲପୁର : ସହରରୁ ଉପାନ୍ତ ଯାଏଁ ପହଞ୍ଚିଛି । ଓଟିଭି ଲୋକଙ୍କ ସ୍ୱର ହୋଇ ସବୁ ସମୟରେ, ସବୁ ପରିସ୍ଥିତିରେ ଛିଡ଼ା ହୋଇ ସହରରୁ ଉପାନ୍ତ ଯାଏ ପହଞ୍ଚି ପାରିଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି । ଓଟିଭିର ୨୫ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ପାନ୍ଥନିବାସ ଠାରେ ଆୟୋଜିତ ଏକ ସାଂସ୍କୃତିକ ସମାବେଶରେ ବିଶିଷ୍ଟ ବ୍ୟକ୍ତିମାନେ କହିଥିଲେ ଯେ, ଲୋକଙ୍କୁ ନେଇ ଲୋକଙ୍କ ଖବର ପରିବେଷଣ କରି ଆସିଛି । ଲୋକଙ୍କ ସୁଖ ଦୁଃଖରେ ଛିଡ଼ା ହୋଇ ସହାୟତାର ହାତ ବଢ଼ାଇଛି । ଗଲା ଦୀର୍ଘ ୨୫ ବର୍ଷ ହେଲା ଏହା ଓଡ଼ିଶାରେ ବୈଦ୍ୟୁତିକ ଗଣମାଧମ ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କରିଛି । ମାଁ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ତାଙ୍କ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟ ଦୀପ ଜାଳି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଗୋପାଳଜୀ ମଠର ମହନ୍ତ ହୃଷିକେଷ ଦାଶ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଡାକ୍ତର ରାଜେନ୍ଦ୍ର ସିଂହ, ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ, ଗଣମାଧମ ପ୍ରତିନିଧି, ଆଇନଜୀବୀ, କୃଷକ ସଂଗଠନ ପ୍ରତିନିଧି, ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟ ଯୋଗ ଦେଇଥିଲେ । ଗୁରୁ ଦୁର୍ଗା ଦାଶଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କଳାକାର ମାନେ ସମ୍ବଲପୁରୀ ଓ ଓଡ଼ିଆ ଗୀତ, ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଯୋଗେଶ ଯୋଯୋ ଏବଂ ମାନସ ପାଣିଗ୍ରାହୀ ହାସ୍ୟରସ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଓଟିଭି ସମ୍ବଲପୁର ବ୍ୟୁରୋ ମୁଖ୍ୟ ସଞ୍ଜୟ ଜେନା ପରିଚାଳନା କରିଥିଲେ ।

# ଭାଗବତ

## ବୈରାଗ୍ୟର ମହତ୍ତ୍ୱ

ଏକାଦଶ ସ୍କନ୍ଧ ହେଉଛି ପୂର୍ବ ଦଶସ୍କନ୍ଧର ଉପସଂହାର । ଏଥିରେ କପିଳ ଗୀତା, ପୁରଞ୍ଜନ-ଆଖ୍ୟାନ, ବର୍ଣ୍ଣନା ଆଦି ବି ଅଛି । ଏକାଦଶ ସ୍କନ୍ଧକୁ ଭଗବାନଙ୍କ ମୁଖ କୁହାଯାଏ ।

ନବମ-ସ୍କନ୍ଧରେ ଈଶାନୁ କଥା-ଲୀଳା ଓ ଦଶମ-ସ୍କନ୍ଧରେ ନିରୋଧ ଲୀଳା ବର୍ଣ୍ଣନା କରାହୋଇଛି । ଶ୍ରୀକୃଷ୍ଣଙ୍କ କଥା ଓ ଲୀଳା ଅନନ୍ତ । ଏହି କଥା ପ୍ରକଟ ହୋଇଯିବା ପରେ ଗଙ୍ଗାସ୍ନାନର ମହିମା ହ୍ରାସ ହୋଇଯାଇଛି । ଭାଗୀରଥୀରେ ସ୍ନାନ କରିବା ପାଇଁ ଯିବାକୁ ହେଲେ ଟଙ୍କା ପଇସା ଲୋଡ଼ା ହୋଇଥାଏ । କିନ୍ତୁ କୃଷ୍ଣ-କଥାରେ ସ୍ନାନ କରିବା ପାଇଁ ପରିଶ୍ରମକରି କେଉଁଆଡ଼େ ଯିବାକୁ ପଡ଼େନାହିଁ, କି ପଇସାପତ୍ର ଖର୍ଚ୍ଚ କରିବାକୁ ପଡ଼େନାହିଁ । ପୁଣି, ଗଙ୍ଗାସ୍ନାନ କଲେ କେବଳ ଶରୀରର ଶୁଦ୍ଧି ହୋଇଥାଏ, କିନ୍ତୁ କୃଷ୍ଣ-କଥା ସ୍ନାନରେ ମନ ତଥା ହୃଦୟର ଶୁଦ୍ଧି ହୋଇଥାଏ । ଏକାଦଶ ସ୍କନ୍ଧରେ ମୁକ୍ତିଲୀଳା ବର୍ଣ୍ଣନା କରାହୋଇଛି । କାରଣ ସାଧକର ମନ ଭଗବାନଙ୍କ ସହିତ ସଂଯୁକ୍ତ ହୋଇ ଯାଇଥାଏ ।

ଯାହାର ମନ ନିରୋଧ ହୋଇ ଯାଇଥାଏ, ସେ ଅତିଶୀଘ୍ର ଭକ୍ତି ପାଇପାରେ । ଦଶମ ସ୍କନ୍ଧ ହେଉଛି ମନ ନିରୋଧ କରିବାର ସ୍କନ୍ଧ । ଦଶମ ସ୍କନ୍ଧରେ ମନ ନିରୋଧ ହୋଇଯାଏ, ଫଳରେ ଏକାଦଶ ସ୍କନ୍ଧରେ ଭକ୍ତି, ମୁକ୍ତି ମିଳିବା ସୁଲଭ ହୋଇଥାଏ ।

ମନକୁ ମୁକ୍ତ ହେବାକୁ ପଡ଼େ, କାରଣ ଆତ୍ମା ହେଉଛି ନିତ୍ୟ ମୁକ୍ତ । ବିଷୟ ଚିନ୍ତନ ତ୍ୟାଗକରି ଈଶ୍ୱର ଚିନ୍ତନ ଆରମ୍ଭ କଲେ ଜୀବ ମୁକ୍ତ ହୋଇଯାଏ । ଅଜ୍ଞାନ ହେତୁ ଜୀବ ବନ୍ଧନର ଅନୁଭବ କରେ । କିନ୍ତୁ ବାସ୍ତବରେ ତାକୁ କେହି ବାନ୍ଧିପକାଇ ନଥାଏ । ବିବେକ ତଜ୍ଞାନ ଓ ବୈରାଗ୍ୟ ଦ୍ୱାରା ମୋହକୁ ନଷ୍ଟ କରିପାରିଲେ ଜୀବକୁ ମୁକ୍ତି ମିଳିଯାଏ ।

ମନକୁ ବୈର ଓ ବାସନା ମୁକ୍ତ ରଖିପାରିଲେ ମନ ଶୀଘ୍ର ନିରୋଧ ହୋଇପାରେ । ଯାହାଙ୍କର ବୈରାଗ୍ୟ ଦୃଢ଼ ହୋଇଥାଏ । ସେ ମୁକ୍ତି ଲାଭକରି ପାରେ ।

ଏକାଦଶ ସ୍କନ୍ଧର ପ୍ରଥମ ଅଧ୍ୟାୟ ବୈରାଗ୍ୟ ସମ୍ବନ୍ଧିତ । ବୈରାଗ୍ୟ ବିନା ଭକ୍ତି ହୋଇପାରେ ନାହିଁ । ଆମେ ବାରମ୍ବାର ମନକୁ ବୁଝାଇବା ଉଚିତ ଯେ ସୁଖ, ଧନ ସମ୍ପତ୍ତି, ଭୋଗ ନିମନ୍ତେ ଚିନ୍ତନ, ଏ ସମସ୍ତ ବିଷମୟ । ଏ ସମୟରେ କେତେବେଳେ ହେଲେ ସୁଖ କି ଶାନ୍ତି ମିଳିବା ସମ୍ଭବ ନୁହେଁ । ଈଶ୍ୱରଙ୍କ ଚିନ୍ତନ ବିନା, ପବିତ୍ର ଆଚାର-ବିଚାର ବିନା ବୈରାଗ୍ୟ ଆସିପାରେ ନାହିଁ । ଯେ ପର୍ଯ୍ୟନ୍ତ ସଂସାରର ପ୍ରତ୍ୟେକ ବିଷୟପ୍ରତି ବୈରାଗ୍ୟ ଆସି ନଥାଏ, ଶୁଦ୍ଧ ଭରି ଆରମ୍ଭ ହୋଇ ପାରେ ନାହିଁ ।

ସଦ୍-ଅସଦ୍ କଥା ଚିନ୍ତନ କଲେ ବିବେକ ଉତ୍ପନ୍ନ ହୁଏ । ବିବେକ ଉତ୍ପନ୍ନ ହେଲେ ବୈରାଗ୍ୟ ଆସିଯାଏ । ସଂସାରରେ ଦୃଶ୍ୟମାନ ସମସ୍ତ ଜଡ଼ ପଦାର୍ଥ ଦୁଃଖରୂପ ଏବଂ ଅସତ । କେବଳ ଚେତନ ପରମାତ୍ମା ହେଉଛନ୍ତି ଆନନ୍ଦରୂପ ଓ ସତ୍ । ଆମେ ସ୍ପଷ୍ଟ ରୂପେ ଜାଣିରଖିବା ଉଚିତ ଯେ ଜଗତର ସକଳ ପଦାର୍ଥ ଭ୍ରମମାତ୍ର, ଦୁଃଖଦାୟୀ ଏବଂ କ୍ଷଣିକ । ବିଷୟର ସଂଯୋଗରେ ଏମିତି ତ ସୁଖ ମିଳେ, ହେଲେ ଏହାର ବିୟୋଗ ଦୁଃଖଦାୟୀ ହୋଇଥାଏ ।

ଏବେ ଭଗବାନଙ୍କର ବୈରାଗ୍ୟ ଆସିଗଲା । ଜୀବର ଯେତେବେଳେ ବୈରାଗ୍ୟ ଆସିଯାଏ ସେତେବେଳେ ବସ୍ତୁସ୍ଥିତିର କଟୁତା ଅନୁଭବ ହେବାରେ ଲାଗେ । ଜୀବନରେ ଯେତେବେଳେ ଏକ ଝଞ୍ଜା ପ୍ରବାହିତ ହୁଏ ସେତେବେଳେ ବୈରାଗ୍ୟ ଆସିଯାଏ ।

ସନ୍ଥ ତୁଳସୀ ଦାସ ଥିଲେ ଅତି ପତ୍ୟାସକ୍ତ । ଯୁବକାବସ୍ଥାରେ ସେ କ୍ଷଣକ ପାଇଁ ସୁଦ୍ଧା ପତ୍ନୀଙ୍କୁ ପାଖଛଡ଼ା କରିବାକୁ ମଙ୍ଗୁ ନ ଥିଲେ । ଦିନେ ତାଙ୍କ ପତ୍ନୀ ବାପଘରକୁ ଯାଇଥିଲେ । ତୁଳସୀ ଦାସଙ୍କୁ ପତ୍ନୀ ବିଚ୍ଛେଦ ଅସହ୍ୟ ବୋଧହେଲା । ସେ ଶଶୁରଘରକୁ ଚାଲିଲେ । ରାତ୍ରି ସମୟ, ମୂଷଳ ଧାରାରେ ବର୍ଷା ହେଉଥିଲା । ଶଶୁରଘରକୁ ଯିବା ମାର୍ଗରେ ପଡୁଥିବା ନଦୀରେ ପ୍ରବଳ ବଢ଼ି ହୋଇଥିଲା । ଘାଟରେ ଡଙ୍ଗା ନଥିଲା । ପୁଣି ପ୍ରବଳ ତୋଫାନୀ ପବନ ବହୁଥିଲା । ସେ ଭାସମାନ ଏକ ମୂର୍ଦ୍ଧାରକୁ କାଠଗଣ୍ଡି ଭାବି ତା ଉପରେ ବସି ନଦୀପାର ହୋଇଗଲେ । ସେ ଶଶୁରଘରେ ପହଞ୍ଚି ଝରକାବାଟେ ଘର ଭିତରକୁ ପ୍ରବେଶ କରିବା ପାଇଁ ଚେଷ୍ଟା କଲେ । କାରଣ ଦ୍ୱାର ବନ୍ଦ ଥିଲା । ଗୋଟିଏ ସାପ ଝୁଲୁ ଥିଲା । ସର୍ପକୁ ରଜ୍ଜୁ ମନେକରି ସେ ତା ସାହାଯ୍ୟରେ ଉପରକୁ ଗଲେ ଏବଂ ଝରକା ବାଟେ ପତ୍ନୀଙ୍କ ଶୟନକକ୍ଷରେ ପହଞ୍ଚିଗଲେ । ତୁଳସୀ ଦାସ ତାଙ୍କ ପାଖକୁ ଆସିବା ପାଇଁ ଯାହା ଯାହା କରିଥିଲେ ସେ ସମସ୍ତ କଥା ପତ୍ନୀଙ୍କୁ କହିଲେ । ପତ୍ନୀ ତାଙ୍କୁ ବୁଝାଇବାକୁ ଯାଇ କହିଲେ, ହାଡ଼ ରକ୍ତ ମାଂସ ଚର୍ମର ଏହି ଶରୀରକୁ ଯେପରି ଭଲ ପାଉଛ ସେପରି ତୁମେ ଯଦି ପ୍ରଭୁଙ୍କୁ ଭଲ ପାଆନ୍ତ ଓ କଷ୍ଟ କରନ୍ତେ ତେବେ ତୁମର ଉଦ୍ଧାର ହୋଇଯାଆନ୍ତା ।

ହାଡ଼ ମାଂସ କୀ ଦେହ ମମ ତା ପର ଇତନୀ ପ୍ରୀତି । ତିସୁଁ ଆଧୀ ଜୋ ରାମ ପ୍ରତି ଅବସି ମିଟିହି ଭବତୀତି ।

ତୁଳସୀ ଦାସଙ୍କୁ ପତ୍ନୀଙ୍କ କଥା ପ୍ରଚଣ୍ଡ ଧକ୍କା ଦେଲା । 'ମୁଁ ମୋ ପ୍ରାଣକୁ ପଣ କରି ତୋ ପାଖକୁ ଆସିଛି, ଅଥଚ ତୁ ମୋତେ ନିନ୍ଦା କଲୁ । ନାରୀ ପାଇଁ, ସାଂସାରିକ ଭୋଗଦ୍ରବ୍ୟ ପାଇଁ ଯାହା କରାଯାଏ ଦିନେ ନା ଦିନେ ସେପରି କର୍ମ ନିନ୍ଦିତ ହୋଇଥାଏ । ଈଶ୍ୱରଙ୍କ ପାଇଁ କରାଯାଇଥିବା କର୍ମ, ଉଦ୍ୟୋଗ ସର୍ବଦା ପ୍ରଶଂସାର୍ହ ହୋଇଥାଏ ।



ତୁଳସୀ ଦାସଙ୍କର ଜ୍ଞାନଚକ୍ଷୁ ଖୋଲିଗଲା । ସେ ତତ୍କାଳ ସଂସାର ତ୍ୟାଗ କରିଦେଲେ । ପରବର୍ତ୍ତୀ ଜୀବନ ସେ ଶ୍ରୀରାମଙ୍କ ସେବାରେ ଅତିବାହିତ କରିଦେଲେ ।

ସାଂସାରିକ ପ୍ରବୃତ୍ତିଗୁଡ଼ିକ ଏବେ ବାଧାରୂପ ଧରୁଥିବାର ବୋଧକଲେ ଭଗବାନ ଶ୍ରୀକୃଷ୍ଣ । ସେ ଚିନ୍ତା କରିବାରେ ଲାଗିଲେ, ତାଙ୍କର ଆଉ କରଣୀୟ କେଉଁ କର୍ମ ବାକି ରହିଯାଇଛି କି ନାହିଁ । କାରଣ ଲୀଳା ସମ୍ବରଣ କରିବା ପାଇଁ ତାଙ୍କର ମନ ହୋଇ ଆସୁଥିଲା ।

କାଳରୂପୀ କୃଷ୍ଣ ସମସ୍ତଙ୍କୁ ସଂହାର କରନ୍ତି । କାଳରୂପୀ ଭଗବାନଙ୍କର ଯେଉଁଠାରେ ଯେପରି ସଂକଳ୍ପ ହୁଏ ସେଠାରେ ସେହିଭଳି ସାଧନ ଯୁଟିଯାଏ । ଅସମ୍ଭବ ଲାଗୁଥି କଥା ସମ୍ଭବ ହୋଇଯାଏ । ଭଗବାନଙ୍କ ସଙ୍କଳ୍ପ ମାତ୍ରକେ ସବୁକିଛି ସମ୍ଭବ ହୋଇଥାଏ ।

ଏକଦା ଅନେକ ଋଷି ପିଣ୍ଡାରକ ତୀର୍ଥରେ ବିଶ୍ରାମ କରୁଥିଲେ । ଯାଦବ – କୁମାରମାନେ ନିକଟସ୍ଥ ପ୍ରାନ୍ତରରେ କ୍ରୀଡ଼ା କରୁଥିଲେ । ଋଷିମାନଙ୍କ ସହିତ ଥଟ୍ଟା ପରିହାସ କରିବା ପାଇଁ ସେମାନଙ୍କର ଇଚ୍ଛା ହେଲା । ସେମାନେ ସମସ୍ତେ ମିଶି ଶାମ୍ବଙ୍କୁ ଏକ ଗର୍ଭବତୀ ନାରୀ ରୂପରେ ସଜାଇ ଋଷିମାନଙ୍କ ପାଖକୁ ନେଲେ ଏବଂ ପଚାରିଲେ, ମହାରାଜ ! ଏହି ଗର୍ଭିଣୀର ପୁଅ ହେବ ନା ଝିଅ ?

ଋଷିମାନେ ଦିବ୍ୟ ଦ୍ରଷ୍ଟା । ସେମାନେ ପୁଣି ଏମିତି ସେମିତି ଋଷି ନୁହନ୍ତି । ଋଷିସଂଘରେ ଅନ୍ୟ କେତେକ ଋଷିଙ୍କ ସହିତ ଥିଲେ ଅସିତ, ବଶିଷ୍ଠ, ବିଶ୍ୱାମିତ୍ର, ଅତ୍ରି, ଦୁର୍ବାସା, ଭୃଗୁ, ଅଙ୍ଗିରା, କଶ୍ୟପ । ସେମାନେ ଯାଦବ କୁମାରଙ୍କର ଔଦ୍ଧତ୍ୟ ଜାଣିଗଲେ । ସେତେବେଳେ ଭଗବାନଙ୍କ ପ୍ରେରଣାରେ ସେମାନେ କହିଲେ, ଶାମ୍ବଙ୍କ ଗର୍ଭରୁ ଏକ ମୂଷଳ ଉତ୍ପନ୍ନ ହେବ । ଏହି ମୂଷଳ ତୁମର ଯଦୁବଂଶକୁ ସମୂଳେ ଧ୍ୱଂସ କରିବ ।

ଋଷିମାନଙ୍କର ଏପରି ମନ୍ତବ୍ୟ ନିଶ୍ଚୟ ଏକ ମହାନ୍ ଅଭିଶାପ । ଯଦୁକୂଳ ପରମ ପ୍ରତାପୀ । ସେହି କୁଳରେ ଶ୍ରୀକୃଷ୍ଣ ଅଛନ୍ତି । ଯଦୁକୂଳ ସମୂଳେ ନାଶ ହେବାକୁ ଋଷିମାନେ କହିପାରିଲେ କିପରି ? ଏହା ସବୁ ଥିଲା ଭଗବାନଙ୍କ ପ୍ରେରଣା ।

ବୁଢ଼ିଆଣୀ ତା କ୍ରୀଡ଼ା ବିହାର ନିମନ୍ତେ ଜାଲ ସୃଷ୍ଟିକରେ ଏବଂ କ୍ରୀଡ଼ାରେ ସନ୍ତୁଷ୍ଟ ହୋଇଯିବା ପରେ ନିଜେ ଜାଲକୁ ଗିଳିଦିଏ, ନିଜ ଭିତରକୁ ନେଇଯାଏ ।

ଋଷିମାନଙ୍କ ଅଭିଶାପରେ ଯାଦବକୁମାରଗଣ ଭୟଭୀତ ହୋଇଗଲେ । ଯଥା ସମୟରେ ଶାମ୍ବଙ୍କ ଗର୍ଭରୁ ଲୌହ ମୂଷଳ ଉତ୍ପନ୍ନ ହେଲା । ସେମାନେ ଲୌହ ମୂଷଳକୁ ଚୂର୍ଣ୍ଣ କରି ମଝି ସମୁଦ୍ରରେ ପକାଇ ଦେଲ । ବିପ୍ରଶାପର ବ୍ୟର୍ଥ ପ୍ରତିକାର କରିବାରେ ଲାଗିଲେ । କିନ୍ତୁ କାଳ ଯାହା କରିବାକୁ ଚାହେଁ ତାହା ହିଁ ହୋଇଥାଏ ।

ମୃତ୍ୟୁକୁ ଜପ, ତପ, ସ୍ୱାଧ୍ୟାୟ, ତନ୍ତ୍ର, ମନ୍ତ୍ର ବା ଔଷଧ କୌଣସି କର୍ମ ଅଟକାଇ ପାରେ ନାହିଁ ।

ଯାଦବ କୁମାରମାନେ ସମୁଦ୍ର ଗର୍ଭରେ ପକାଇ ଦେଇଥିବା ଲୌହ କଣ ଆସି କୂଳରେ ଲାଗିଲା । ତଟପ୍ରଦେଶରେ ସେହି କଣର ଶରବଣ ଉତ୍ପନ୍ନ ହେଲା । ଶିର କାଣ୍ଡ ଧରି ଯାଦବମାନେ ନିଜ ନିଜ ମଧରେ ଝଗଡ଼ା କରିବାରେ ଲାଗିଲେ ଏବଂ ଏହି ଝଗଡ଼ାରେ ସମସ୍ତେ ମଲେ । ଲୌହଖଣ୍ଡର ଅବଶେଷକୁ ଏକ ଶବର ପାଇ ଯେଉଁ ଶର ପ୍ରସ୍ତୁତ କରିଥିଲା ବଣରେ ମୃଗ ଶୀକାର ନିମନ୍ତେ ସେହି ଶରରେ ଶିକାର ହୋଇଗଲେ ସ୍ୱୟଂ ଭଗବାନ ।

ମହାଭାରତ ଯୁଦ୍ଧପରେ ଯାଦବଙ୍କର ପ୍ରତିପତ୍ତି ଖୁବ୍ ବଢ଼ିଯାଇଥିଲା । ବଳାଭିମାନରେ ସେମାନେ ଉନ୍ମତ୍ତ ହୋଇଗଲେ । ଏମାନେ ଯେ ନୂତନ ଭୂ-ଭାର ହୋଇ ଅମାପ ଅନର୍ଥ ଭବିଷ୍ୟତରେ ସୃଷ୍ଟି କରିବେ ଏହା ଭଗବାନ ଜାଣିଗଲେ । ନିଜ କୁଳକୁ ସମୂଳେ ନାଶ କରି ଲୀଳା ସମ୍ବରଣ କରିବା ଥିଲା ଭଗବାନ ଶ୍ରୀକୃଷ୍ଣଙ୍କର ଅନ୍ତିମ କର୍ମ । ଆଉ ଋଷିଙ୍କ ଅଭିଶାପରେ ଉତ୍ପନ୍ନ ମୂଷଳ ଥିଲା ଯାଦବମାନଙ୍କର କାଳ ।

ଋଷି, ସନ୍ଥ ଓ ପବିତ୍ର ଜୀବନ ଅତିବାହିତ କରୁଥିବା ମାନବଙ୍କୁ ଅପମାନ କଲେ ଅହିତ ହୋଇଥାଏ ।

ବୁଦ୍ଧି ବିକୃତ ହେଲେ କାଳ ଆକ୍ରମଣ କରେ । ଜୀବଙ୍କୁ ଉତ୍ପତ୍ତି ଓ ସ୍ଥିତିରେ ଆନନ୍ଦ ମିଳେ । ମାତ୍ର ଲୟରେ ନୁହେଁ । ଭଗବାନଙ୍କୁ ଲୟରେ ବି ଆନନ୍ଦ ମିଳୁଥାଏ । ଏହାର ଏକମାତ୍ର କାରଣ ହେଲା ସେ ହେଉଛନ୍ତି ଆନନ୍ଦରୂପ । ଲୟ-ଲୀଳା ଆନନ୍ଦଘନ ଭଗବାନଙ୍କର ଆନନ୍ଦର ଏକ ଅଂଶ ।

ଆଚାର୍ଯ୍ୟମାନେ ସବୁ ସମୟରେ ଭାଗବତ-ଧର୍ମ ପ୍ରଚାର ଉପରେ ଅଧିକ ଗୁରୁତ୍ୱ ଦେଇଥାଆନ୍ତି । ଏହାର କାରଣ ହେଉଛି, ଯେ ପର୍ଯ୍ୟନ୍ତ ତତ୍ତ୍ୱଜ୍ଞାନ ନିର୍ଣ୍ଣୟ ହୋଇ ନଥାଏ, ସେ ପର୍ଯ୍ୟନ୍ତ ଭ୍ରମ ରହିଥାଏ । ଯେ ପର୍ଯ୍ୟନ୍ତ ଭାଗବତ-ଧର୍ମର ଧାରଣା ହୋଇ ନଥାଏ, ସେ ପର୍ଯ୍ୟନ୍ତ ସଂସାର ବନ୍ଧନ ଛିଣ୍ଡେ ନାହିଁ ।

ଭଗବାନଙ୍କୁ ପାଇବାକୁ ହେଲେ ଅତି ତୀବ୍ର ଭକ୍ତି ତଥା ଉଗ୍ରସାଧନାର ଆବଶ୍ୟକତା ଥାଏ ।

ତୂଳିକା ଶଯ୍ୟାରେ ଶୟନ କରି, ସଂସାରରେ ପଦ-ପ୍ରତିଷ୍ଠା ପାଇ, ସୁମିଷ୍ଟ ଭୋଜନ ଆହାର କରି, ସୁନ୍ଦର ବସ୍ତ୍ର ପରିଧାନ କରି ଯଦି ଭଗବାନଙ୍କୁ ପାଇ ହୁଅନ୍ତା, ତେବେ ପ୍ରତ୍ୟେକ ଧନୀଲୋକ ପରମପଦର ଅଧିକାରୀ ହୋଇ ଯାଆନ୍ତେ । ଯେ ପର୍ଯ୍ୟନ୍ତ ନିଜର ସର୍ବସ୍ୱ ଭଗବାନଙ୍କୁ ଅର୍ପଣ କରା ନ ଯାଇଛି, ଯେ ପର୍ଯ୍ୟନ୍ତ ବିଶୁଦ୍ଧ ଅନ୍ତଃକରଣରେ ଭାଗବତ ଧର୍ମ ପାଳନ କରା ନ ଯାଇଛି, ସେ ପର୍ଯ୍ୟନ୍ତ ପରମପଦ ସୁଲଭ ହୁଏନାହିଁ ।

କପାଳରେ ଉର୍ଦ୍ଧ୍ୱପୁଣ୍ଡ୍ର ତିଳକ ଲଗାଇ, ଲୋକରେ ପ୍ରତିଷ୍ଠା ଲାଭ କରି, ଲୋକଙ୍କୁ ପ୍ରତାରିତ କରିବା ପାଇଁ ଭକ୍ତ ହେବାକୁ ମହାନ୍ତି ଦମ୍ଭ କୁହାଯାଏ । ଦାମ୍ଭିକ ଦର୍ପପ୍ରକାଶ କରେ ଓ ଏହା ଅଭିମାନ ବର୍ଦ୍ଧନକରେ ଏବଂ ପୁରୁଷାର୍ଥକୁ ପ୍ରଚାର କରେ । ଏଥିଯୋଗୁଁ ଭଗବାନ ଗୀତାରେ ଏହି ଆସୁରୀ ପ୍ରକୃତିକୁ ନିନ୍ଦା କରି କହିଛନ୍ତି

ଏଭଳି ଆସୁରୀ ପ୍ରକୃତିର ଲୋକ କ୍ରୋଧୀ ହିଁ ହୋଇଥାନ୍ତି । ଏଭଳି ଦାମ୍ଭିକ ପାଖକୁ ଭଗବାନ୍ ଯଦି ସ୍ୱୟଂ ଆସରି ତେବେ ସେ ଭଗବାନଙ୍କ ସହିତ ବି କଥା ହେବନାହିଁ ।

ଏଠାରେ ଏକ ଲଘୁକଥା ମନେପଡ଼େ । ଜଣେ ଶ୍ରେଷ୍ଠ ଧନୀ ଥିଲା । ସେ ପ୍ରଚୁର ଧନ, ବସ୍ତ୍ର, ଅନ୍ନ ଆଦି ଦାନ କରୁଥିଲା । ଧର୍ମଶାଳା, ଅତିଥିଶାଳା ଆଦି ନିର୍ମାଣ କରିଥିଲା । ଏସବୁ ଦେଖି ନାରଦଙ୍କୁ ଭାରି ଭଲ ଲାଗିଲା । ସେ ଭଗବାନଙ୍କ ପାଖରେ ପହଞ୍ଚି ସେହି ଧନିକ ଲୋକକୁ ଦର୍ଶନ ଦେବାପାଇଁ କହିଲେ ।

ନାରଦଙ୍କ କଥା ଶୁଣି ଭଗବାନ କହିଲେ, "ଏହା ସମ୍ଭବ ନୁହେଁ ।

ନାରଦ କହିଲେ, "ପ୍ରଭୁ ! ସେ ପୁଣ୍ୟକର୍ମ କରୁଛି, ଦାନଧର୍ମ କରୁଛି ।

ପ୍ରଭୁ କହିଲେ, "ସେ କ'ଣ ତା' ଘରୁ ଆଣି ପୁଣ୍ୟକର୍ମ କରୁଛି ? ସେ ଯଦି ପୁଣ୍ୟ କରୁଛି ବୋଲି ମୋତେ କହୁଛ, ତେବେ ସେ ତା' ନାମ ବଢ଼ାଇବା ପାଇଁ ଏପରି କରୁଛି ।

ନାରଦ କହିଲେ, ପ୍ରଭୁ ! ଦାନ ଯେମିତି ବି ଦିଆଗଲେ ପୁଣ୍ୟ ବଢ଼ିଥାଏ । ଶ୍ରଦ୍ଧାରେ ହେଉ ବା ଅଶ୍ରଦ୍ଧାରେ, ନାମବର୍ଦ୍ଧନ ପାଇଁ ହେଉ କି ପ୍ରତିଷ୍ଠା ପାଇଁ ହେଉ, ପୁଣ୍ୟ ବନ୍ଧନ ନିଶ୍ଚୟ ହୋଇଥାଏ ।

(କ୍ରମଶଃ)

# ଚଳଚ୍ଚିତ୍ର ଶିଳ୍ପରେ ନୂତନ ଅଧ୍ୟାୟ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ପାରମ୍ପରିକ ଭାବେ କୁହାଯାଏ, ପ୍ରତିକୂଳ ପରିବେଶ ନୂତନ ସମ୍ଭାବନା ନେଇ ପହଞ୍ଚିଥାଏ । 'କୋଭିଡ୍-୧୯' ମହାମାରୀ ସଂକ୍ରମଣ ରୋକିବା ନିମନ୍ତେ ସମଗ୍ର ଭାରତରେ ବର୍ଷେରୁ ଦୁଇ ବର୍ଷ ଯାଏଁ ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ପ୍ରଦର୍ଶନ ବନ୍ଦ ରହି ମାର୍ଚ୍ଚ ୨୦୨୨ ସୁଦ୍ଧା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ଅବସରରେ କେତେକ ନୂତନ ଉପକ୍ରମ ଦୃଷ୍ଟିକୁ ଆସିଥିଲା । ଚଳଚ୍ଚିତ୍ର ଶିଳ୍ପରେ ଉନ୍ନତି ମୁଖ୍ୟତଃ ସେହି ସମୟସୀମାରେ ମୁକ୍ତିଲାଭ କରୁଥିବା ଚଳଚ୍ଚିତ୍ରଗୁଡ଼ିକର ଲୋକପ୍ରିୟତା ଉପରେ ନିର୍ଭରଶୀଳ । ମହାମାରୀ ପରବର୍ତ୍ତୀ ପରିବେଶରେ ପୁଷ୍ପା, ଆରଆରଆର, କେଜିଏଫ-୨, କାଶ୍ମୀର ଫାଇଲ୍ସ, ବଚ୍ଚନ ପାଣ୍ଡେ, ରାଧେଶ୍ୟାମ ଓ ଝୁଣ୍ଡ ଭଳି ଚଳଚ୍ଚିତ୍ର ବକ୍ସ ଅଫିସରେ ସଫଳତା ହାସଲ କରିବା ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ପୁନଃବିକଶିତ ହେବା ସୂଚିତ କରିଥିଲା ।

ମହାମାରୀ ପ୍ରଭାବିତ ଗଣମାଧ୍ୟମ ବିଘଟନରେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ଉପରେ କ୍ରମବିକଶିତ 'ଓଭର-ଦି-ଟପ' ଓଟିଟି ମଞ୍ଚ ପ୍ରତିକୂଳ ପ୍ରଭାବ ବିସ୍ତାର କରିବା ଆଶଙ୍କା କରାଯାଉଥିଲା । ଏକ ପକ୍ଷରେ ଭୂତାଣୁ ସଂକ୍ରମଣ ଭୟରେ ସାଧାରଣ ଦର୍ଶକ ପ୍ରେକ୍ଷାଳୟ ପରିଦର୍ଶନ ବଦଳରେ ଓଟିଟି ମଞ୍ଚରେ ଚଳଚ୍ଚିତ୍ର ଉପଭୋଗ ସୀମିତ ରଖିବା ଏବଂ ଅପରପକ୍ଷରେ ଓଟିଟି ମଞ୍ଚ ଓ ଉପଭୋକ୍ତା ସଂଖ୍ୟା ବଢ଼ିଚାଲିବା ତଥା କେତେକ ବଡ଼ ଚଳଚ୍ଚିତ୍ର ଓଟିଟି ମଞ୍ଚରେ ମୁକ୍ତିଲାଭ କରି ପ୍ରଦର୍ଶିତ ହେବା ଭଳି ଘଟଣା ଭାରତୀୟ ଚଳଚ୍ଚିତ୍ର ପ୍ରେକ୍ଷାଳୟ ବ୍ୟବସାୟର ଭବିଷ୍ୟତ ପ୍ରତି ଆଶଙ୍କା ସୃଷ୍ଟି କରିଥିଲା । ତେବେ ବାସ୍ତବ କ୍ଷେତ୍ରରେ ଓଟିଟି ମଞ୍ଚର ବିକାଶ ଏକ ନୂତନ ପ୍ରଜାତିର ଚଳଚ୍ଚିତ୍ର ନିର୍ମାଣ ଲାଗି ପ୍ରୋତ୍ସାହନ ଯୋଗାଉଥିବା ପରିଲକ୍ଷିତ ହୋଇଥିଲା ।

ମହାମାରୀ- ପର ଅବସ୍ଥାରେ ଡିସେମ୍ବର ୨୦୨୧ରେ ମୁକ୍ତିଲାଭ କରିଥିବା 'ପୁଷ୍ପା', ମାର୍ଚ୍ଚ ୨୦୨୨ରେ 'ଆରଆରଆର' ଏବଂ ଏପ୍ରିଲ ୨୦୨୨ରେ 'କେଜିଏଫ-୨' ଇତ୍ୟାଦି ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରଗୁଡ଼ିକ ସର୍ବଭାରତୀୟ ସ୍ତରରେ ବକ୍ସ ଅଫିସରେ ସଫଳତା ହାସଲ କରିଥିଲା । ବିଶେଷଜ୍ଞମାନଙ୍କ ମତରେ ଭାରତରେ ୨୦୧୬ରୁ ଓଟିଟି ମଞ୍ଚ ବିକଶିତ ହେବାପରେ ହିନ୍ଦୀ ସାଙ୍ଗକୁ ଆଞ୍ଚଳିକ ଭାଷାରେ ଚଳଚ୍ଚିତ୍ର ଉପଭୋଗ କରିବା ସୁବିଧା ସୁଯୋଗ ଦର୍ଶକ ପାଇପାରିଲେ । ଫଳରେ ଦେଶର ବିଭିନ୍ନ ପ୍ରାନ୍ତର ପ୍ରତିଭାବାନ କଳାକାରଙ୍କ ଚାହିଦା ବଢ଼ିଲା । ମହାମାରୀ ପୂର୍ବରୁ ତେଲୁଗୁ ଓ ହିନ୍ଦୀ ଭାଷାରେ ନିର୍ମିତ 'ବାହୁବଳୀ' ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ଏକ ନୂତନ ଅଧ୍ୟାୟ ଉନ୍ମୋଚନ କରିଥିଲେ ହେଁ ତେଲୁଗୁ ଭାଷାରେ ନିର୍ମିତ 'ପୁଷ୍ପା' ସେହି ଅଧ୍ୟାୟର ଦୃଢ଼ୀକରଣରେ ଅଂଶୀଦାର ହୋଇଥିଲା ।

ବକ୍ସଅଫିସ ହିସାବ ଅନୁଯାୟୀ 'ପୁଷ୍ପା' ମୁକ୍ତିଲାଭ କରିବା ପ୍ରଥମ ୪୦ ଦିନ ମଧ୍ୟରେ ୩୬୦ କୋଟି ଟଙ୍କା ଆଦାୟ କରିଥିବା ସ୍ଥଳେ ଅର୍ଦ୍ଧେକ ତେଲୁଗୁ ଭାଷାଭାଷୀ ଅଞ୍ଚଳ ଏବଂ ୧୦୦ କୋଟି ଟଙ୍କା ହିନ୍ଦି ଭାଷାଭାଷୀ ଅଞ୍ଚଳରୁ ବ୍ୟବସାୟ ହୋଇଥିଲା । ପରବର୍ତ୍ତୀ ଚଳଚ୍ଚିତ୍ର 'ଆରଆରଆର' ପାଞ୍ଚଗୋଟି ଭାଷାରେ ପ୍ରଦର୍ଶନ ବ୍ୟବସ୍ଥା କରାଯାଇଥିଲା । କାଳ୍ପନିକ ସ୍ୱାଧୀନତା ସଂଗ୍ରାମୀଙ୍କ କାହାଣୀ ଆଧାରିତ ଏହି ଚଳଚ୍ଚିତ୍ରରେ ତେଲୁଗୁ ଅଭିନେତା ଜୁନିୟର ଏନଟି ରାମାରାଓ, ରାମଚରଣଙ୍କ ସହ ହିନ୍ଦି ଅଭିନେତା ଅଜୟ ଦେବଗନ, ଆଲିଆ ଭଟ୍ଟ ଅଭିନୟ କରିଥିଲେ । ଶୁଭମୁକ୍ତିର ଦୁଇମାସ ପରେ ଓଟିଟି ମଞ୍ଚ 'ନେଟଫ୍ଲିକ୍ସ' ହିନ୍ଦୀ ଓ 'ଜି-୫' ତେଲୁଗୁ, ତାମିଲ, ମାଲାୟଲମ, କନ୍ନଡ଼ ଭାଷାରେ ଷ୍ଟ୍ରିମିଂ କରିବା ଯୋଜନା କରାଯାଇଥିଲା ।

ଏହି ଉଦାହରଣରୁ ବେଶ ସୂଚିତ ହୋଇଥାଏ ଯେ ଓଟିଟି ମଞ୍ଚ ଭାରତୀୟ ଚଳଚ୍ଚିତ୍ରକୁ ଏକ ବିସ୍ତୃତ ଦର୍ଶକଙ୍କ ସହ ପରିଚିତ କରାଇବା ସଙ୍ଗେ ପ୍ରେକ୍ଷାଳୟ ପ୍ରଦର୍ଶନର ବିରୋଧ ନ କରି ପରିପୂରକ ଭୂମିକା ନିର୍ବାହ କରିଛି । ହିନ୍ଦୀ ଅଭିନେତାମାନେ ଦକ୍ଷିଣ ଭାରତୀୟ ଅଭିନେତାଙ୍କ ସହ ମିଳିତଭାବେ ଚଳଚ୍ଚିତ୍ରରେ ଅଭିନୟରେ ସାମିଲ ହେବା ଏବଂ ଏହି ଚଳଚ୍ଚିତ୍ରଗୁଡ଼ିକ ସର୍ବଭାରତୀୟସ୍ତରରେ ପ୍ରଦର୍ଶିତ ହୋଇ ଲୋକପ୍ରିୟତା ହାସଲ କରିବା ଏକ ନୂତନ ପରମ୍ପରାର ସୂଚନା ଦେଇଥାଏ । ଏହି ପ୍ରକ୍ରିୟା ଚଳଚ୍ଚିତ୍ର ଶିଳ୍ପରେ ଏକତ୍ରୀକରଣ 'କନସଲଡ଼ିସେନ'ର ପ୍ରତିଫଳନ । ମହାମାରୀ-ପର ପରିବେଶରେ ଦଶ ବାରଗୋଟି ଏହି ବର୍ଗର ଚଳଚ୍ଚିତ୍ର ନିର୍ମିତ ହୋଇଥିବା ସ୍ଥଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ତଃପକ୍ଷେ ମାସିକ ଗୋଟିଏ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ସର୍ବଭାରତୀୟସ୍ତରରେ ପ୍ରଦର୍ଶନ ନିମନ୍ତେ ପ୍ରସ୍ତୁତ ହେବା ଆଶା କରାଯାଉଥିବା କୁହାଯାଇଥିଲା ।

ମହାମାରୀରେ ଓଟିଟି ମଞ୍ଚର ବିକାଶ ପରେ ଦର୍ଶକ ଚଳଚ୍ଚିତ୍ର ପ୍ରେକ୍ଷାଳୟ ପ୍ରତି ଅବହେଳା ଆଶଙ୍କା ଏକରକମ ଦୂରୀଭୂତ ହୋଇଥିଲା । ମହାମାରୀର ଶେଷ ଅବସ୍ଥାରେ ଜନଜୀବନ ପୁନର୍ବାର ସାଧାରଣସ୍ତରରେ ପହଞ୍ଚିବା ପରେ ୨୦୨୧ର ଶେଷ ତ୍ରୟମାସ ଓ ୨୦୨୨ର ପ୍ରଥମ ତ୍ରୟମାସରେ ଚଳଚ୍ଚିତ୍ର ପ୍ରେକ୍ଷାଳୟ ବ୍ୟବସାୟ ଗତିଶୀଳ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ମହାମାରୀ-ପୂର୍ବ ଅବସ୍ଥାରେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପର କାରବାର ପ୍ରାୟ ୧୯ ହଜାର କୋଟି ହିସାବ କରାଯାଇଥିଲା । ଏଥିରେ ହିନ୍ଦୀ ଚଳଚ୍ଚିତ୍ରରୁ ଆୟ ପ୍ରମୁଖଭାଗ ଦାବି କରିଆସିଥିଲା । ତେବେ ମହାମାରୀ-ପର ଅବସ୍ଥାରେ ଦକ୍ଷିଣ ଭାରତୀୟ ଭାଷାରେ ପ୍ରଯୋଜିତ ଚଳଚ୍ଚିତ୍ରଗୁଡ଼ିକ ସର୍ବଭାରତୀୟସ୍ତରରେ ପ୍ରଦର୍ଶିତ ହୋଇ ଅଧିକ ଆୟ କରୁଥିବା ଏକ ନୂତନ ଅଭିଜ୍ଞତା ।

'ଆରଆରଆର' ଭଳି ଚଳଚ୍ଚିତ୍ର ମାର୍ଚ୍ଚ ୨୦୨୨ରେ ପାଞ୍ଚ ଶହ କୋଟି ଟଙ୍କା ସମୁଦାୟ ପ୍ରେକ୍ଷାଳୟ ପ୍ରଦର୍ଶନରୁ ଆୟ ନିମନ୍ତେ ସହାୟକ ହୋଇଥିବା ସ୍ଥଳେ ଏପ୍ରିଲ ୨୦୨୨ରେ 'କେଜିଏଫ-୨'ରୁ ମଧ ସେହି ପରିମାଣର ଆୟ ପାଇଁ ସହାୟକ ହେବା ଆକଳନ କରାଯାଇଥିଲା । ମହାମାରୀ-ପର ଅବସ୍ଥାରେ ଭାରତରେ ପ୍ରାୟ ନଅ ହଜାର ପାଞ୍ଚ ଶହ ରୂପେଲି ପରଦାରୁ ମଲଟିପ୍ଲେକ୍ସ ସ୍କ୍ରିନ ସଂଖ୍ୟା ତିନି ହଜାର ରହିଥିଲା ।

ମଲଟିପ୍ଲେକ୍ସରେ ଚଳଚ୍ଚିତ୍ର ସୋ' ପ୍ରଦର୍ଶନ ସଂଖ୍ୟା ପାରମ୍ପରିକ ପ୍ରେକ୍ଷାଳୟ ତୁଳନାରେ ଅଧିକ ଏବଂ ଟିକଟ ଦର ଅଧିକ ରହିଥାଏ । ଫଳରେ ପରିବର୍ତ୍ତିତ ପରିବେଶରେ ଚଳଚ୍ଚିତ୍ର ପ୍ରଦର୍ଶନ ଆୟ ମଲଟିପ୍ଲେକ୍ସ ଉପରେ କେନ୍ଦ୍ରୀଭୂତ ହେବାରେ ଲାଗିଛି । ମହାମାରୀ-ପର ଅବସ୍ଥାରେ ଚଳଚ୍ଚିତ୍ରଗୁଡ଼ିକର ଅଗ୍ରୀମ ବୁକିଂ ଓ ଜଣକ ଦ୍ୱାରା ୧୫୦୦ ରୁ ୨୦୦୦ ଟଙ୍କା ଯାଏଁ ବ୍ୟୟ ଭାରତୀୟ ଚଳଚ୍ଚିତ୍ର ଦର୍ଶକଙ୍କ ବର୍ଦ୍ଧିତ ମନୋରଞ୍ଜନ ଖର୍ଚ୍ଚର ସୂଚନା ଦେଉଥିବା ବିଶେଷଜ୍ଞମାନେ ଟିପ୍ପଣୀ ଦେଇଥାନ୍ତି ।

ଭାରତରେ ମହାମାରୀ-ପର ଅବସ୍ଥାରେ ଚଳଚ୍ଚିତ୍ର ପ୍ରେକ୍ଷାଳୟ ପ୍ରଦର୍ଶନ ବ୍ୟବସାୟରେ ବ୍ୟାପକ ପରିବର୍ତ୍ତନ ଆଶା କରାଯାଏ । ପ୍ରେକ୍ଷାଳୟକୁ ଦର୍ଶକ କେବଳ ଚଳଚ୍ଚିତ୍ର ଉପଭୋଗ ନିମନ୍ତେ ଯିବା ପରିବର୍ତ୍ତେ କିଛି ସମୟ ପାଇଁ ଦୈନନ୍ଦିନ ଜୀବନରୁ ଅବ୍ୟାହତି ନେଇ ମନୋରଞ୍ଜନ ନିମନ୍ତେ ଖୋରାକ ଖୋଜୁଥିବା ଲକ୍ଷ୍ୟ କରାଯାଇପାରେ । ମଲଗୁଡ଼ିକରେ ମଲଟିପ୍ଲେକ୍ସ ସଂଲଗ୍ନ ହେବା ପରେ ଉପଭୋକ୍ତାମାନେ ଦୋକାନ ବଜାର ବୁଲା, କିଣାକିଣି, ବାହାରେ ଖାଇବା ସାଙ୍ଗକୁ ପିଲାଙ୍କ ଖେଳ ଓ ଚଳଚ୍ଚିତ୍ର ଦେଖା ଏକତ୍ର ପାଞ୍ଚରୁ ଛଅ ଘଣ୍ଟାର କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରିଥାନ୍ତି ।

ବଡ଼ ସହର ଅନୁକରଣରେ ଛୋଟ ସହରଗୁଡ଼ିକରେ ମଧ ଛୋଟକାଟର ମଲ ଗଢ଼ି ଉଠୁଛି । ଏଗୁଡ଼ିକ ସହ ଚଳଚ୍ଚିତ୍ର ପ୍ରେକ୍ଷାଳୟ ସଂଲଗ୍ନ ହେଲେ ଦର୍ଶକ ସଂଖ୍ୟା ବଢ଼ିବା ଆଶା କରାଯାଇପାରେ । ଅନୁଧ୍ୟାନରୁ ଜଣାଯାଏ ଯେ ମଧ୍ୟମ ବର୍ଗର ସହରଗୁଡ଼ିକର ଏକକ ରୂପେଲି ପରଦା ବିଶିଷ୍ଟ ଚଳଚ୍ଚିତ୍ର ପ୍ରେକ୍ଷାଳୟଗୁଡ଼ିକ କ୍ରମଶଃ ବହୁ ପରଦା ବିଶିଷ୍ଟ ମଲଟିପ୍ଲେକ୍ସରେ ପରିବର୍ତ୍ତିତ ହେବା ପ୍ରବାହ 'ଟ୍ରେଣ୍ଡ' ଆରମ୍ଭ ହୋଇଛି । ଏହା ଚଳଚ୍ଚିତ୍ର ଶିଳ୍ପ ଜଗତରେ ନୂତନ ଅଧ୍ୟାୟର ଅଂଶବିଶେଷ ।

## ଆଜିର ଚିନ୍ତନ

ଋଷି ଭରଦ୍ୱାଜଙ୍କ ସମଗ୍ର ଜୀବନ ତପସ୍ୟାରେ ବିତିଲା ଜୀବନର ଅନ୍ତିମ କ୍ଷଣରେ ଯେବେ ଦେବଦୂତ ମାନେ ତାଙ୍କୁ ନେବାକୁ ଆସିଲେ ତ ସେ ପ୍ରଥମେ ଦେବଦୂତମାନଙ୍କୁ କୃତଜ୍ଞତା ଜଣାଇଲେ ଏବଂ ସେମାନଙ୍କୁ ଅନୁରୋଧର ସ୍ୱରରେ କହିଲେ - 'ଯଦି ଆପଣ ସମସ୍ତ ଦେବଗଣ ମୋ ଉପରେ ପ୍ରସନ୍ନ ଅଛନ୍ତି ତେବେ କୃପାକରି ମୋତେ ପୁନଃ ଭୂଲୋକରେ ହିଁ ଜନ୍ମ ନେବାର ସୁଅବସର ପ୍ରଦାନ କରନ୍ତୁ । ସ୍ୱର୍ଗକୁ ଯାଇ ମୁଁ କ'ଣ କରିବି ?

ଋଷିବରଙ୍କର ଏହି ବିଚିତ୍ର ଇଚ୍ଛା ଶୁଣି ଦେବଦୂତମାନେ ବଡ଼ ଆଶ୍ଚର୍ଯ୍ୟ ହେଲେ । ଏହି କଠୋର ନିଷ୍ପତ୍ତି ପଛର କାରଣ ଜାଣିବାର ଜିଜ୍ଞାସାରେ ଦେବଦୂତମାନେ ତାଙ୍କୁ ପଚାରିଲେ- ''ଋଷିବର । ତପର ଲକ୍ଷ୍ୟ ସ୍ୱର୍ଗ ହୋଇଥାଏ, ତାହା ଆପଣଙ୍କୁ ମିଳି ସାରିଛି । ପୁଣି ତପ କେଉଁଥି ପାଇଁ ? ଭରଦ୍ୱାଜ ମୃଦୁକି ହସିଲେ ଓ ନିଜର ମନ୍ତବ୍ୟ ସ୍ପଷ୍ଟ କରି କହିଲେ - ଜ୍ଞାନ ସଞ୍ଚୟ ପାଇଁ ଦେବଗଣ । ପୂର୍ଣ୍ଣ ସତ୍ୟ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ବିଦ୍ୟାର ସମ୍ପଦ ଏବେ ମୋ ପାଖରେ ନାହିଁ କହିଲେ ଚଳେ । ଏଥିପାଇଁ ମୁଁ ଆହୁରି ଅନେକ ଜନ୍ମ ପର୍ଯ୍ୟନ୍ତ ତପ କରିବାର ଆକାଂକ୍ଷା ରଖୁଛି । ନିଜ କଥା ଆଗକୁ ବଢ଼ାଇ ଋଷିବର କହିଲେ– ''ହେ ଦେବଗଣ ! ଆପଣମାନେ ତ ଜାଣନ୍ତି ଯେ ଜ୍ଞାନ ସ୍ୱର୍ଗ ଠାରୁ ଉଚ୍ଚ । ସ୍ୱର୍ଗରେ କ୍ଷଣିକ ବିଳାସର ସୁବିଧା ତ ପ୍ରାପ୍ତ କରାଯାଇ ପାରେ, କିନ୍ତୁ ଶାଶ୍ୱତ ଆନନ୍ଦର ପ୍ରଦାତା ତ ଏକମାତ୍ର ଜ୍ଞାନ ହିଁ ଅଟେ । ଦେବଗଣ ଭରଦ୍ୱାଜଙ୍କ ଜ୍ଞାନ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ହେଲେ ଓ ତାଙ୍କୁ ମନୋବାଞ୍ଛିତ ଗତି ସସମ୍ମାନ ପ୍ରଦାନ କଲେ । ସତରେ କୁହାଯାଇଛି 'ବିଦ୍ୟୟାଽମୃତମଶ୍ନୁତେ - ଏହା ସମକ୍ଷରେ ସଂସାରର ସମସ୍ତ ବୈଭବ ଏପରିକି ସ୍ୱର୍ଗର ସୁଖ ମଧ ତୁଚ୍ଛ ।

# ମାଧବ ମାସ ବୈଶାଖ

ବିଶାଖା ନକ୍ଷତ୍ରଯୁକ୍ତ ମାସକୁ ବୈଶାଖ କୁହାଯାଏ । ଏହି ମାସ ଭଗବାନ ବିଷ୍ଣୁ ତଥା ମାଧବଙ୍କ ପ୍ରିୟ ମାସ ବୋଲି ବିଶ୍ୱାସ ରହିଛି । ଭଗବାନ ବିଷ୍ଣୁ, ପର୍ଶୁରାମ ଏବଂ ଅନେକ ଦେବ-ଦେବୀଙ୍କୁ ଏହି ମାସରେ ଉପାସନା କରାଯାଏ । ବୈଶାଖ ମାସରେ ଗଙ୍ଗାସ୍ନାନ କରି ଭଗବାନ ବିଷ୍ଣୁଙ୍କୁ ପୂଜା କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ । ସାଧାରଣତଃ ବୈଶାଖ । ମାସରୁ ବିବାହ ବ୍ରତ ଆଦି କାମ ଆରମ୍ଭ କରିଥାନ୍ତି । ଦେବର୍ଷୀ ନାରଦ ବୈଶାଖ ମାସର ମହତ୍ତ୍ୱ ବର୍ଣ୍ଣନା କରିଛନ୍ତି । ଇନ୍ଦ୍ରଙ୍କ ଦ୍ୱାରା ମୁନିଋଷିଙ୍କ ତପସ୍ୟା ଭଙ୍ଗ ହେବା ଦ୍ୱାରା ପଦଚ୍ୟୁତ ହେବାର ଶାପ ମିଳିଲା । ଶାପମୁକ୍ତ ହେବା ପାଇଁ ଇନ୍ଦ୍ର ନାରଦଙ୍କ ପରାମର୍ଶ ଲୋଡ଼ିଥିଲେ । ଦେବର୍ଷୀ ନାରଦ ଇନ୍ଦ୍ରଙ୍କୁ ବୈଶାଖ ଅନୁଷ୍ଠାନ କରିବାକୁ ପରାମର୍ଶ ଦେଇଥିଲେ । ଦେବର୍ଷୀ ନାରଦ କହିଛନ୍ତି ଯେ, ସମସ୍ତ ଜପ, ତପ, ଧର୍ମ, ଯଜ୍ଞ, କାର୍ଯ୍ୟ କରିବା ପାଇଁ ଏହି ମାସ ସର୍ବୋତ୍କୃଷ୍ଟ । ବୈଶାଖ ମାସରେ ଗଙ୍ଗା ଉପାସନା, ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା ଆରମ୍ଭ, ସୀତା ନବମୀ, ମୋହିନୀ ଏକାଦଶୀ, ନୃସିଂହ ଜନ୍ମ ବ୍ରତ ଆଦି ପର୍ବପର୍ବାଣି ପଡ଼ିଥାଏ ।

ଦାନର ମହତ୍ତ୍ୱ : ଏ ସଂସାରରେ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ନିମନ୍ତେ ବୈଶାଖ ମାସ ସମକକ୍ଷ କୌଣସି ମାସ ନାହିଁ । ତେଣୁ ଏହି ମାସରେ ଦାନ ଓ ଧର୍ମ କରିବାର ବିଶେଷ ମହତ୍ତ୍ୱ ରହିଛି । ଏହି ମାସରେ ଦାନ ଧର୍ମ କଲେ ଗରିବୀ ଦୂର ହୋଇଥାଏ ଏବଂ ଆର୍ଥିକ ସମସ୍ୟା ମଧ ଦୂର ହୋଇଥାଏ । ବିଶେଷ ପୂଜାର୍ଚ୍ଚନା କରିବା ଦ୍ୱାରା ଜୀବନର ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ବୈଶାଖ ମାସରେ ରୌଦ୍ରତାପ ପ୍ରଚଣ୍ଡ ହୋଇଥାଏ, ତେଣୁ ପଥଚାରୀ କିମ୍ବା ତୃଷାର୍ତ୍ତଙ୍କୁ ଜଳଦାନ କଲେ ଅକ୍ଷୟ ପୁଣ୍ୟ ପ୍ରାପ୍ତ ହୋଇଥାଏ । ସେହିପରି, ଏହି ମାସରେ ମାଧବଙ୍କ ନାମ ସ୍ମରଣ କଲେ ତାହା ପୂଜାରେ ପରିଣତ ହୋଇଯାଏ । ମାଧବଙ୍କ ପୂଜା ସମେତ ଗଙ୍ଗା ମାତା ଓ ଧରିତ୍ରୀ ମାତାଙ୍କୁ ସର୍ବସିଦ୍ଧି ଲାଭ ହୋଇଥାଏ ।।

# ଜୀବନରେ ସାଧନାର ମହତ୍ତ୍ୱ

ସାଧନାକୁ ପରମ ପୁରୁଷାର୍ଥ କୁହାଯାଇଛି, କାରଣ ଏହା ଜୀବନର ସମସ୍ୟାଗୁଡ଼ିକର ସମାଧାନର ଚାବିକାଠି । ଏହା ଦ୍ୱାରା ଜୀବନ ପରିଷ୍କାର ହୋଇଥାଏ ଏବଂ ଏହା ସାନ୍ନିଧରେ ମିଳୁଥିବା ଫଳଶ୍ରୁତି ସମକ୍ଷରେ ସଂସାରର ବଡ଼ରୁ ବଡ଼ ଉପଲବ୍ଧ ମଧ ନ୍ୟୁନ ହୋଇଯାଏ ଏବଂ ସାଂସାରିକ ଉପଲବ୍ଧ ଗୁଡ଼ିକୁ ପାଇବା ପାଇଁ ଯେତେ ପୁରୁଷାର୍ଥ କରାଯାଉ ନା କାହିଁକି ଏବଂ ଯେତେ ବଡ଼ ସଫଳତା ମିଳୁନା କାହିଁକି, ସେଗୁଡ଼ିକ ବ୍ୟକ୍ତିକୁ ସଂପୂର୍ଣ ରୂପେ ସନ୍ତୁଷ୍ଟ କରିପାରି ନ ଥାଏ । କାରଣ ଏହାର ସ୍ୱରୂପ ନଶ୍ୱର ହୋଇଥାଏ, ଅସ୍ଥାୟୀ ହୋଇଥାଏ, ଯଦ୍ୟପି ସାଧନା ଦ୍ୱାରା ପ୍ରାପ୍ତ ଆତ୍ମିକ ଉପଲବ୍ଧି ଗୁଡ଼ିକ ସ୍ଥାୟୀ ହୋଇଥାଏ, ସ୍ଥିର ହୋଇଥାଏ ଏବଂ ଏହା ସାଂସାରିକ ଉପଲବ୍ଧ ଓ ସୁଖ-ଭୋଗଗୁଡ଼ିକୁ ମଧ ଏକ ସାର୍ଥକ ସ୍ୱରୂପ ପ୍ରଦାନ କରିଥାଏ ।

ପ୍ରଶ୍ନ ଉଠେ ଯେ ସାଧନାର ଆବଶ୍ୟକତା କାହିଁକି କ'ଣ ସାଧନା ବିନା ଜୀବନଯାପନ କରାଯାଇ ପାରିବ ନାହିଁ । ତେବେ ଏହାର କାରଣ ମନର ପ୍ରକୃତି ଅଟେ, ସଂସାରର ମାୟାବୀ ସ୍ୱରୂପ ଅଟେ, ଯେଉଁ କାରଣରୁ ବ୍ୟକ୍ତି ସତତ ବାହାରର ବିଷୟ-ଭୋଗଗୁଡ଼ିକରେ ସଂଲିପ୍ତ ରହିବାକୁ ଚାହିଁଥାଏ । ସଂସାରର ଗୁରୁତ୍ୱ ସର୍ବଦା ତାକୁ ପତନ ଆଡ଼କୁ ପ୍ରେରିତ କରିଥାଏ । ଏହା ସହିତ ଜନ୍ମ-ଜନ୍ମାନ୍ତରର ଅଭ୍ୟାସ ଏବଂ ସ୍ୱଭାବ ବ୍ୟକ୍ତିକୁ ଜୀବନର ଅନ୍ତହୀନ କୁଚକ୍ରରେ ଫସାଇ ରଖିଥାଏ । କାମ, କ୍ରୋଧ, ଲୋଭ, ମୋହ, ମତ୍ସର, ଅହଂକାର ଭଳି ଷଡ଼ରିପୁ ପଦେ ପଦେ ବ୍ୟକ୍ତିକୁ ସାଂସାରିକ ଜଞ୍ଜାଳରେ ବାନ୍ଧି ରଖିଥାଏ ।

ଏପରି ସ୍ଥିତିରେ ଯଦି ସାଧନାର ଅବଲମ୍ବନ ନିଆ ନ ଯାଏ, ତାହେଲେ ଏହି ଧରାରେ ଜନ୍ମ ନେଉଥିବା ପ୍ରତ୍ୟେକ ବ୍ୟକ୍ତିର ଜୀବନ ଏକ ପ୍ରକାର ଗତାନୁଗତିକ ଧାରାରେ ଚାଲିବା ସୁନିଶ୍ଚିତ । ସେତେବେଳେ ସମାଜରେ ନିର୍ବାହ ଯୋଗ୍ୟ କେବଳ କିଛି ନୀତି-ନିୟମ ପାଳନ କରିବା ଭିତରେ ହିଁ ଜୀବନର ଇତିଶ୍ରୀ ହୋଇଯାଏ । ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ଯେ ଏହି ଆଧାରରେ ସମାଜରେ ଧର୍ମ ଏବଂ ନୈତିକତା ନାମରେ ଅନେକ କୁରୀତିକୁ ବ୍ୟକ୍ତି ସହର୍ଷ କୋଳେଇ ନିଏ, ଯାହା ମାନବୀୟ ଚେତନାର ଉନ୍ମୁକ୍ତ ବିକାଶରେ ଅବରୋଧ ହୋଇ ସାମାଜିକ ପତନର ପରିସ୍ଥିତି ଉତ୍ପନ୍ନ କରିଥାଏ ।

ଏହି ପରିସ୍ଥିତିରେ ବିକୃତ ମନ, ଦୂଷିତ ପ୍ରାଣ ଏବଂ କୁସଂସ୍କାରଗୁଡ଼ିକ ସହିତ ଜଡ଼ିତ ଚିତ୍ତ ପାଇଁ ବ୍ୟକ୍ତି ଯେକୌଣସି ପ୍ରକାରେ ଜୀବନର ଗାଡ଼ିକୁ ଠେଲିପେଲି ଚଲାଇଥାଏ । ଜୀବନରେ ବାହ୍ୟ ଉପଲବ୍ଧି ଗୁଡ଼ିକର ପାହାଡ଼, ଧନ-ସମୃଦ୍ଧି ଏବଂ ବୈଭବ-ବିଳାସ ଏକାଠି କରିଥାଏ, କିନ୍ତୁ ଏସବୁ ସତ୍ତ୍ୱେ ଆନ୍ତରିକ ରୂପେ ସେ ବିପନ୍ନ ଅବସ୍ଥାରେ ହିଁ ରହିଥାଏ ଏବଂ ତା' ଜୀବନରେ ସନ୍ତୋଷ ପ୍ରକଟ କଲା ଭଳି କିଛି ସାର୍ଥକ ଏବଂ ଜୀବନ୍ତ କାର୍ଯ୍ୟ ଦେଖାଯାଇ ନ ଥାଏ ।

ଏହି ସ୍ଥିତିରେ ବ୍ୟକ୍ତି ମାନବୀୟ ଗରିମାରୁ ପତିତ ହେବା ସ୍ୱାଭାବିକ, ଏକ ପ୍ରାକୃତିକ ଘଟଣା ହୋଇଥାଏ ଏବଂ ଏହା ପଶୁମାନଙ୍କ ଅପେକ୍ଷା ମାନବ ମଧରେ ଅଧିକ ସହଜରେ ଓ ବିପଦପୂର୍ଣ୍ଣ ଢଙ୍ଗରେ ଘଟିତ ହୋଇଥାଏ । କାରଣ ତା' ମଧରେ ବୁଦ୍ଧିର ଅତିରିକ୍ତ ତତ୍ତ୍ୱ ମଧ ବିଦ୍ୟମାନ, ଯାହା ନିଜର ଚାଲାଖି କାରଣରୁ ତାକୁ ଆହୁରି ଅଧିକ ଘାତକ କରିଦିଏ । ପଶୁ ତ ଏକ ସୀମିତ ପରିସରରେ କ୍ଷତି କରିବାରେ ସମର୍ଥ ହୋଇଥାଏ, କିନ୍ତୁ ମନୁଷ୍ୟର ପତନ ହେଲେ ସେ ଅସୁର, ପିଶାଚ ଏବଂ ଦୈତ୍ୟ ସ୍ତରକୁ ଖସିଯାଇ ସ୍ୱୟଂର ଦିବ୍ୟ ସମ୍ଭାବନାଗୁଡ଼ିକରୁ ସ୍ଖଳିତ ହେବା ସଙ୍ଗେ ସଙ୍ଗେ ସମାଜ ଓ ପରିବେଶରେ ମଧ ଦୁଃଖ, ଅଶାନ୍ତି ଏବଂ ଆତଙ୍କର ବାତାବରଣ ଉତ୍ପନ୍ନ କରିଥାଏ ।

ଏହି ସ୍ଥିତିରୁ ମୁକୁଳି ପାରିବା ଏବଂ ଏହି ଅବସ୍ଥାରୁ ଉପରକୁ ଉଠିବାର ଶକ୍ତି-ସାମର୍ଥ୍ୟ କେବଳ ଜୀବନ-ସାଧନା ହିଁ ପ୍ରଦାନ କରିଥାଏ । ଦୁର୍ଦ୍ଧାନ୍ତ ଦୈତ୍ୟ, ଅପରାଧୀମାନଙ୍କ ଠାରୁ ନେଇ ବାସନାରେ ଲିପ୍ତ ପତିତମାନଙ୍କର ଉଦ୍ଧାର ଏହି ଆଧାରରେ ସମ୍ଭବ ହୋଇଛି ; ଇତିହାସର ପୃଷ୍ଠା ଏହାର ସାକ୍ଷ୍ୟ ପ୍ରଦାନ କରିଥାଏ । ଯଦ୍ୟପି ଏଥିରେ କୌଣସି ସମର୍ଥଙ୍କ କୃପାର ମହତ୍ତ୍ୱ ସର୍ବଦା ରହିଛି, କିନ୍ତୁ ଅନ୍ତତଃ ବୈୟକ୍ତିକ– ସାଧନାତ୍ମକ ପୁରୁଷାର୍ଥ ବଳରେ ହିଁ ସେମାନେ ନିଜ ଜୀବନର କାୟାକଳ୍ପ ଏବଂ ଉଦ୍ଧାର କରିବାରେ ସମର୍ଥ ହେଲେ ତଥା ଏକ ସାର୍ଥକ ଓ ପ୍ରେରକ ଜୀବନଯାପନ କରି ପାରିଲେ ।

ବିଗିଡ଼ିଥିବା ମନକୁ ଠିକ୍ କରି, ବିକୃତ ପ୍ରାଣକୁ ଶୁଦ୍ଧ କରି, ଏହାକୁ ଉର୍ଦ୍ଧ୍ୱମୁଖୀ ଗତି ଦେବା କୌଣସି ସହଜ-ସରଳ କାର୍ଯ୍ୟ ନୁହେଁ, ଏଥିପାଇଁ ଅଧିକ ସଜାଗ-ସଚେଷ୍ଟ ରହିବା ଏବଂ ଅତିରିକ୍ତ ପୁରୁଷାର୍ଥ କରିବା ଆବଶ୍ୟକ ହୋଇଥାଏ, ଯାହାକୁ ଜୀବନ-ସାଧନା କୁହାଯାଏ । ଏଥିରେ ନିଜର ହିଁ ମନର ଚଞ୍ଚଳତା ଏବଂ ସ୍ୱାର୍ଥ-ଅହଂକାରର ମାୟାବୀ କୁଚକ୍ରକୁ ବୁଝି ଗଭୀର ସ୍ତରରେ ସ୍ୱୟଂର ପରିଷ୍କାର କରି, ନିଜର କ୍ଷୁଦ୍ରତାର ପରିମାର୍ଜନ କରି ଅସ୍ତିତ୍ୱକୁ ବ୍ୟାପକ ଆୟାମ ଦିଆଯାଇଥାଏ ।

ସଂଯମ ଦ୍ୱାରା ଉର୍ଜାର ସଂରକ୍ଷଣ ହୋଇଥାଏ, ସ୍ୱାଧାୟ ନିଜ ଅସ୍ତିତ୍ୱର ଶ୍ରେଷ୍ଠ ସମ୍ଭାବନାଗୁଡ଼ିକ ସହିତ ବଦ୍ଧମୂଳ କୁସଂସ୍କାରଗୁଡ଼ିକ ଏବଂ ବିକୃତ ଦୃଷ୍ଟିକୋଣ ସହିତ ପରିଚୟ କରାଇଥାଏ ଆଉ ତପ ଏହାର ପରିଶୋଧନ କରି ଚିତ୍ତଶୁଦ୍ଧିର ଦୁର୍ଦ୍ଧର୍ଷ ପ୍ରକ୍ରିୟାକୁ ସଂପନ୍ନ କରିଥାଏ, ଯଦ୍ୱାରା ବ୍ୟକ୍ତିତ୍ୱକୁ ମନମୁତାବକ ଛାଞ୍ଚରେ ଢଳା ଯାଇପାରେ । ଏଥିପାଇଁ ଯୁଦ୍ଧ ସ୍ତରରେ କାର୍ଯ୍ୟ କରିବାକୁ ପଡ଼ିଥାଏ । ଏହା ବିରୁଦ୍ଧରେ ଏକ ପ୍ରକାର ଧର୍ମଯୁଦ୍ଧ କରିବାକୁ ପଡ଼ିଥାଏ । ଏହି ପ୍ରକାର ସାଧକ, ଜୀବନର ରଣକ୍ଷେତ୍ରରେ ଅର୍ଜୁନ ହୋଇ ଆନ୍ତରିକ ମହାଭାରତରେ ପ୍ରବୃତ୍ତ ହୋଇଥାଏ । ଭଗବାନ ଶ୍ରୀକୃଷ୍ଣଙ୍କ ରୂପେ ସଦ୍‌ଗୁରୁଙ୍କୁ ଜୀବନ ରଥର ସାରଥି କରି ସେ ସାଧନା-ସମରର ସାକ୍ଷୀ ହୋଇଥାଏ ଏବଂ ଜୀବନକୁ ଏକ ସାର୍ଥକ ନିଷ୍କର୍ଷ ଦିଗରେ ନେଇଯାଏ ।

ନିଶ୍ଚିତ ରୂପେ ଏଥପାଇଁ ଦୈନିକ ଜୀବନରେ ନିଜ ପାଇଁ ସମୟ ଦେବାକୁ ପଡ଼ିଥାଏ, ଜୀବନର ପ୍ରାଥମିକତାକୁ ସ୍ପଷ୍ଟ କରିବାକୁ ପଡ଼ିଥାଏ । ତପର ଭାଟିରେ ଜୀବନକୁ ତରଳାଇ ଛାଞ୍ଚରେ ଢାଳିବାକୁ ପଡ଼ିଥାଏ । ନିଜକୁ ଗଢ଼ିବାର ଏହି ପ୍ରକ୍ରିୟାକୁ ବିଶ୍ୱର ସବୁଠାରୁ କଠିନ କାର୍ଯ୍ୟ ରୂପେ ସ୍ୱୀକାର କରାଯାଏ, କିନ୍ତୁ ଯଦି ଏହି କାର୍ଯ୍ୟରେ ଲାଗି ପଡ଼ିବା ତ ଏହାଠାରୁ ଅଧିକ ରୋମାଞ୍ଚକ ଆଉ କୌଣସି କାର୍ଯ୍ୟ ହୋଇ ନ ପାରେ । ଏହାର ଶୁଭାରମ୍ଭ ପ୍ରାୟ ଏକ ଜିଜ୍ଞାସୁ ଏବଂ ଅଭୀଷ୍ଟ ରୂପେ ହୋଇଥାଏ, କିନ୍ତୁ ଅନ୍ତତଃ ଜଣେ ଶିଷ୍ୟ-ସାଧକ ହୋଇ ଏହାକୁ ଫଳପ୍ରଦ କରାଯାଇ ପାରେ ।

ଏଥିପାଇଁ ପୂରା ଜୀବନ ହୋସରେ ବଞ୍ଚିବାକୁ ପଡ଼ିଥାଏ ପ୍ରତ୍ୟେକ ଦିନକୁ ଜୀବନର ଏକକ ମାନି ପ୍ରତ୍ୟେକ ଦୂରକୁ ପୂର୍ବତା ପୂର୍ବକ ଜିଇବାକୁ ପଡ଼ିଥାଏ । ଏହା ପରେ ହିଁ ରାତିରେ ଶାନ୍ତର ନିଦ ଓ ବିଶ୍ରାନ୍ତି ସୁନିଶ୍ଚିତ ହୋଇ ପାରିଥାଏ । ଦୈନିକ ଆଧାରରେ କରାଯାଇଥିବା ଏହି ସାଧନାତ୍ମକ ପୁରୁଷାର୍ଥ ନିଜର ସମ୍ମିଳିତ ରୂପେ ଜୀବନର ଅନ୍ତିମ କ୍ଷଣରେ ଚିର ବିଶ୍ରାନ୍ତର ସହିତ ମହାଯାତ୍ରାର ଆଗାମୀ ପର୍ଯ୍ୟାୟର ଗରିମାମୟ ପୃଷ୍ଠଭୂମି ପ୍ରସ୍ତୁତ କରିଥାଏ । ସାଧନାତ୍ମକ ସଜାଗତା ଏବଂ ପୁରୁଷାର୍ଥ ଆଧାରରେ ହିଁ ଏସବୁ ସମ୍ଭବ ହୋଇଥାଏ । ଏହି ପ୍ରକାର ଆଜୀବନ ସାଧନାର ଆଧାରରେ ହିଁ ବ୍ୟକ୍ତିର ଆତ୍ୟନ୍ତିକ ଉତ୍କର୍ଷ ଏବଂ ସମଗ୍ର ସଫଳତା ସୁନିଶ୍ଚିତ ହୋଇଥାଏ । ଶାନ୍ତି-ସୁଖରେ ଭରା ଜୀବନଯାପନ ଏହି ଆଧାରରେ ସମ୍ଭବ ହୁଏ ଏବଂ ଜୀବନଯାତ୍ରାର ସନ୍ତୋଷପୂର୍ବ ଅବସାନ ସମ୍ଭବ ହୋଇଥାଏ । ଏହି ପ୍ରକାର ସାଧନା ଲୌକିକ ଏବଂ ପାରଲୌକିକ ଜୀବନକୁ ସୁଧାରିବାର ଏକ ସୁନିଶ୍ଚିତ ବିଜ୍ଞାନ-ବିଧାନ ଅଟେ, ଯାହାକୁ ଆମେ ଯେତେ ଶୀଘ୍ର ଜୀବନର ଅଙ୍ଗ କରି ପାରିବା, ସେତେ ହିତକର ହେବ ।

# କ୍ରୋଧ ହେଉଛି ମହାବିଷ

'କ୍ରୋଧ' ମନୁଷ୍ୟକୁ ମଦିରା ଭଳି ବିଚାରଶୂନ୍ୟ ଓ ପକ୍ଷାଘାତ ଭଳି ଶକ୍ତିହୀନ କରିଦିଏ । ବାଲ୍ମୀକି ଋଷି ରାମାୟଣରେ 'କ୍ରୋଧ'କୁ ପ୍ରାଣଘାତକ ଶତ୍ରୁ ଓ ସର୍ବନାଶ ଦିଗରେ ନେଇ ଯାଉଥିବା ମାର୍ଗ କହିଛନ୍ତି । କ୍ରୋଧ ଏକ ଭୟଙ୍କର ବିଷ । ଜୀବନରେ ସବୁ କିଛି ଆମ ମନ ମୁତାବକ ହୋଇ ନ ଥାଏ ଏବଂ ଅବାଞ୍ଛିତ, ଆକସ୍ମିକ ରୂପେ ବ୍ୟବସାୟରେ ହାନି, ଅପମାନ ଅଥବା କାହାର ଅସ୍ୱୀକୃତି ଆମକୁ କ୍ରୋଧିତ କରିଦିଏ ।

କ୍ରୋଧରେ ଆମେ ବିବେକ ହରାଇ ଭୟଙ୍କର ଅପରାଧ କରିଦେଉ । ଉତ୍ତେଜନାଗ୍ରସ୍ତ ହୋଇ ବ୍ୟକ୍ତି ହତ୍ୟା ଆତ୍ମହତ୍ୟା ଓ ହାଣକାଟ, ମାରପିଟ ଆଦି କରିଦିଏ । କ୍ରୋଧ ହେଉଛି ହତ୍ୟାକାରୀ, ହିଂସ୍ର ଓ କ୍ରୁର- ଏହା ବ୍ୟକ୍ତିକୁ ହତ୍ୟାକାରୀ କରିଦିଏ । ବ୍ୟକ୍ତିର ଭବିଷ୍ୟ ନଷ୍ଟ କରିଦିଏ । କ୍ଷଣିକ କ୍ରୋଧ ସାରା ଜୀବନ ପାଇଁ ଅଭିଶାପ ହୋଇଯାଏ । କ୍ରୋଧରେ ଦୟା ନ ଥାଏ, କରୁଣା ନ ଥାଏ । କ୍ରୋଧ ସୃଜନ ନୁହେଁ, ବିଧ୍ୱଂସ କରିଥାଏ । କ୍ରୋଧ ବିଷ, କ୍ରୋଧ ଏକ ଅସନ୍ତୁଳନ, କ୍ରୋଧ ଏକ ମନୋବିକାର, କ୍ରୋଧ ପାଗଳାମି ଓ ନରକର ଦ୍ୱାର ।

ଗୀତାରେ କ୍ରୋଧର କାରଣ କାମନାରେ ବାଧା ଉପୁଜିବା କୁହାଯାଇଛି । 'ଆମର ମନ ଯାହା ଚାହିଁଥାଏ, ତାହା କାମନା ଅଟେ'- ଯେତେବେଳେ ଏଥିରେ ବାଧା ସୃଷ୍ଟି ହୁଏ ତ କ୍ରୋଧ ଆସିଥାଏ । ମନ୍ଦହାସର ମୁଖମଣ୍ଡଳକୁ ସମସ୍ତେ ପସନ୍ଦ କରନ୍ତି ଓ ତଦ୍ୱାରା ସମସ୍ତେ ପ୍ରଭାବିତ ହୋଇଥାନ୍ତି । ମନୁଷ୍ୟ ଯେତେ ଧନୀ, ବିଦ୍ୱାନ୍ ତଥା ଉଚ୍ଚ ପଦାସୀନ ହୋଇଥାଉ ନା କାହିଁକି, ତା'ର ବ୍ୟବହାର ଯଦି ମଧୁର ଓ ନମ୍ରତା ଯୁକ୍ତ ନ ହୁଏ ତେବେ ତାକୁ ସଭ୍ୟ କୁହାଯାଇ ନ ପାରେ । ଯଦି ସେ କଥା କଥାକେ କ୍ରୋଧ କରେ, ଆବେଶ ଗ୍ରସ୍ତ ହୁଏ ବା ଆକ୍ରୋଶ ପ୍ରକଟ କରେ, ଚିତ୍କାର କରେ ତଥା ଅହଂକାର କାରଣରୁ ନିଜ ଅଧୀନସ୍ଥ ଲୋକଙ୍କର ଛୋଟ ଛୋଟ ମାମୁଲି କଥାଗୁଡ଼ିକ ଉପରେ ତାଙ୍କୁ ଭର୍ତ୍ସନା କରେ ଓ ପ୍ରତାଡ଼ିତ କରେ ତ ଲୋକେ ତା' ଉପରେ ପ୍ରସନ୍ନ ହୁଅନ୍ତି ନାହିଁ, ବରଂ ସେ ନିନ୍ଦାର ପାତ୍ର ହୋଇଥାଏ ।

(ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ)

## ଟିକିଏ ହସନ୍ତୁ

ସ୍ୱାମୀ : ଘର କାମ ପାଇଁ ଚାକରାଣୀ ରଖିବା ?
ସ୍ତ୍ରୀ : ଦରକାର ନାହିଁ ।
ସ୍ୱାମୀ : କ'ଣ ପାଇଁ ?
ସ୍ତ୍ରୀ : ମୁଁ ତୁମକୁ ଭଲ ଭାବେ ଚିହ୍ନିଛି ।
ପ୍ରଥମେ ମୁଁ ବି ଚାକରାଣୀ ଥିଲି ।

× × × ×

ପ୍ରଥମ ମହିଳା : ଭଉଣୀ ତୁମ ବେଲଣା କାଠି ଦେବ ।
ମୋ ସ୍ୱାମୀ ଆସିବାର ଅଛନ୍ତି ।
ଦ୍ୱିତୀୟ ମହିଳା : ନେଇଯାଆନ୍ତୁ ହେଲେ ଜଲଦି ଫେରାଇ ଦେବେ । ମୋ' ସ୍ୱାମୀ ବି ଆସିବାର ଅଛନ୍ତି ।

× × ×

ସ୍ତ୍ରୀ : ଶୁଣୁଛ ଡକ୍ଟର ମତେ କହିଛନ୍ତି ଗୋଟିଏ ମାସ ଆରାମ କରିବା ପାଇଁ ସ୍ୱିଜରଲ୍ୟାଣ୍ଡ କିମ୍ବା ପ୍ୟାରିସ ଯିବାକୁ । ଆମେ କେଉଁଠିକୁ ଯିବା ?
ସ୍ୱାମୀ : ଆଉ ଜଣେ ଡକ୍ଟରଙ୍କ ପାଖକୁ ।

× × × ×



ରୋଗୀ : ଡାକ୍ତର ବାବୁ ମୋ ପାଖରେ ଟଙ୍କା ନାହିଁ । ଆପଣ ମତେ ଭଲ କରିଦେଲେ ମୁଁ ଆପଣଙ୍କ କାମରେ ଆସିବି ।
ଡକ୍ଟର : କାମ କ'ଣ କରନ୍ତି ?
ରୋଗୀ : ସାର୍ ମୁଁ କବର ଖୋଳିଥାଏ ।

× × × ×

ପ୍ରେମିକ ପ୍ରେମିକାକୁ : କାଲି କ'ଣ ପାଇଁ ମତେ ଦେଖା କରିବାକୁ ଆସିଲନି ?
ପ୍ରେମିକା : ଆମ ଘରେ ପରା ବିଉଟିଫୁଲ ଟ୍ରାଜେଡି ହେଉଥିଲା ।
ପ୍ରେମିକ : ମାନେ ?
ପ୍ରେମିକା : ସୁନ୍ଦର କାଣ୍ଡ ।

× × × × × ×

ମଣ୍ଟୁ ରୋଜିକୁ : ରାତିରେ ବହୁତ ମଶା ।
ଶୋଇବାକୁ ଦେଉ ନାହାନ୍ତି । କ'ଣ କରିବି କହିଲୁ ।
ରୋଜି : ଗୋଟେ କାମ କର । ଶୋଇବା ପୂର୍ବରୁ ଗୋଟେ ମଶାକୁ ମାରିଦେ । ଅନ୍ୟ ମଶା ତାକୁ ଧରି କାନ୍ଦିବା ସହ ତା' ଅନ୍ତିମ ସଂସ୍କାରରେ ବ୍ୟସ୍ତ ରହିବେ । ଆଉ ତୁ ଆରାମରେ ଶୋଇବୁ ।

ସ୍ତ୍ରୀ ଜାଗର

ବର୍ଷ ୨୬, ସଂଖ୍ୟା- ୧୭, ୨୪ - ୩୦ ଏପ୍ରିଲ ୨୦୨୨

# ଭିଜିଲାନ୍ସ ଭେଲିକି

ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ନିର୍ଦ୍ଧାରିତ ୬୦ରୁ ୯୦ଦିନ ଭିତରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବାରେ ସକ୍ଷମ ହୋଇପାରୁନି । ଫଳରେ ଅଭିଯୁକ୍ତ ପାଇଁ ଆଇନରେ ଥିବା ବ୍ୟବସ୍ଥା ସେମାନଙ୍କୁ ସୁହାଉଛି । ଚାର୍ଜସିଟ୍ ଦାଖଲ ହୋଇପାରୁ ନଥିବାରୁ ଭିଜିଲାନ୍ସ ଅଦାଲତ ସଂଖ୍ୟାଧିକ ଅଭିଯୁକ୍ତଙ୍କୁ ସିଆରପିସିର ଧାରା ୧୬୭(୨) ଅଧୀନରେ ଡିଫଲ୍ଟ ବେଲ୍ (ଜାମିନ) ପ୍ରଦାନ କରିବାକୁ ବାଧ ହେଉଛନ୍ତି ।


ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ କୌଣସି ଅଭିଯୋଗ ଆସିଲେ ଭିଜିଲାନ୍ସ ଏସବୁ ବ୍ୟକ୍ତିବିଶେଷଙ୍କ ଘରେ ଚଢଉ ଲାଗି ଅଦାଲତରୁ ଆଗୁଆ ୱାରେଣ୍ଟ ତଥା ଅନୁମତି ଆଣିବାକୁ ସକ୍ଷମ ହେଉଛି । ଏପରିକି ବିଭିନ୍ନ ସ୍ଥାନରେ ଚଢାଉ କରି କେତେ ସମ୍ପତ୍ତି ଠାବ ତଥା ଜବତ ହୋଇଛି ତାହାର ଚିଜିକିଖି ତଥ୍ୟ ଗଣମାଧ୍ୟମକୁ ଦେଇ ସାଧାରଣରେ ନିଜ ପାରିବାପଣିଆକୁ ପ୍ରଦର୍ଶିତ କରାଉଛି । ବାହାବା ବି ସାଉଁଟୁଛି । ତଦନୁଯାୟୀ, ରାଜ୍ୟ ସରକାର ମଧ ସଂପୃକ୍ତ ଅଭିଯୁକ୍ତ ଅଧିକାରୀ ମାନଙ୍କୁ ନିଲମ୍ବନ ତଥା ଅନେକ କ୍ଷେତ୍ରରେ ଚାକିରୀରୁ ବହିଷ୍କାର (ବାଧତାମୂଳକ ଅବସର) କରୁଛନ୍ତି ।

ଦୁର୍ନୀତି ବିରୋଧରେ ଗୋଟିଏ ପଟେ ସରକାର ଶୂନ୍ୟ ସହନଶୀଳତା କଥା କହୁଥିବାବେଳେ ଅନ୍ୟପଟେ ଭିଜିଲାନ୍ସ ବିଭାଗ ନିର୍ଦ୍ଧାରିତ ସମୟରେ ଆରୋପପତ୍ର ଦାଖଲ କରି ନ ପାରିବା ଯୋଗୁଁ ପରବର୍ତ୍ତୀ ସମୟରେ ତଦନ୍ତ ମଧ ବାଟବଣା ହେଉଥିବା ଦେଖାଯାଉଛି । ଏମିତି ଦେଖିବାକୁ ଗଲେ, ଭିଜିଲାନ୍ସ ପକ୍ଷରୁ ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଯେତିକି ଚଢଉ ଓ ଗିରଫଦାରି କରାଯାଉଛି, ତଦନୁଯାୟୀ ଅଦାଲତରେ ଚାର୍ଜସିଟ୍ ଦାଖଲ ହୋଇ ପାରୁନି । ଆଉ ଯେଉଁ କେତେକ ମାମଲାରେ ଅଭିଯୋଗଫର୍ଦ୍ଦ ଦାଖଲ ମଧ କରାଯାଉଛି, ସେହି ଅନୁଯାୟୀ, ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଦଣ୍ଡବ୍ୟବସ୍ଥା କରାଇବାରେ ଅଦ୍ୟାବଧି ରାଜ୍ୟ ଭିଜିଲାନ୍ସ ବିଭାଗର ରେକର୍ଡ ସେତେଟା ଉତ୍ସାହପ୍ରଦ ନୁହେଁ । ଅତୀତରେ ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ରଙ୍କ ଘଟଣାରେ ଭିଜିଲାନ୍ସ ମୁଖ୍ୟଙ୍କୁ ହାଇକୋର୍ଟଙ୍କ ସେତେବେଳର କଟୁ ସମାଲୋଚନା ବିଭାଗୀୟ ବିଶ୍ୱସନୀୟତାକୁ ବିତର୍କ ଭିତରକୁ ଠେଲିଦେଇଥିଲା ।

ଇତି ମଧ୍ୟରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ପୁଲିସ୍ ସିଗନାଲ ବିଭାଗର ପୂର୍ବତନ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଏଏସପି) ତ୍ରିନାଥ ମିଶ୍ରଙ୍କୁ ଜାମିନ ମିଳିଛି । ଏହି ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ । ତେବେ ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ ନ ହେବାରୁ ଏହି ଜାମିନ୍ ମିଳିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ନେଇ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇ ତାଙ୍କର ୯ କୋଟି ୫ ଲକ୍ଷ ୨୯ ହଜାର ୭୩ ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା । କେବଳ ଶ୍ରୀ ମିଶ୍ର ନୁହନ୍ତି । ଏମିତି ସଂଖ୍ୟାଧିକ ଉଦାହରଣ ରହିଛି ଭିଜିଲାନ୍ସ ଅଭିଯୁକ୍ତଙ୍କ ବିରୋଧରେ କାଗଜପତ୍ର ସଂଗ୍ରହ ନ କରିପାରିବାର । ନିକଟରେ ଓଡ଼ିଶା ରାଜ୍ୟ ପୁଲିସ ଗୃହ ଓ କଲ୍ୟାଣ ନିଗମ (ଓପିଏଚଡବ୍ଲ୍ୟୁସି) ପୂର୍ବତନ ଉପ ପ୍ରବନ୍ଧକ ପ୍ରତାପ କୁମାର ସାମଲଙ୍କ ବିରୋଧରେ ଆସିଥିଲା ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲା । ସେତେବେଳେ ୧୪ କୋଟି ୮୮ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ କରିଥିଲା ଭିଜିଲାନ୍ସ । ଏପରିକି ତାଙ୍କର ଆୟ ଉତ୍ସର ୧୦୨୨ ପ୍ରତିଶତ ସମ୍ପତ୍ତି ବେଆଇନ ଭାବେ ଠୁଳ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଥିଲା । ଏହି ଚଢଉ ପରେ ଶ୍ରୀ ସାମଲଙ୍କୁ ୯ ନଭେମ୍ବର ୨୦୨୧ରେ ଗିରଫ କରାଯିବା ସହ କାଳ ବିଳମ୍ବ ନକରି ରାଜ୍ୟ ସରକାର ଗିରଫଦାରୀର ୧୦ ଦିନ ପରେ ଅର୍ଥାତ୍ ୧୮ ନଭେମ୍ବରରେ ଚାକିରୀରୁ ବାଧ୍ୟତାମୂଳକ ଅବସର ଦେଇଥିଲେ । ମାତ୍ର ଚାର୍ଜସିଟ୍ ଦାଖଲ କରି ନପାରିବାରୁ ୧୧ ଜାନୁୟାରୀ ୨୦୨୨ରେ ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ଶ୍ରୀ ସାମଲଙ୍କୁ ଜାମିନ ପ୍ରଦାନ କରିଥିଲେ । କେବଳ ସେତିକି ନୁହେଁ; ମାମଲାର ଚୂଡାନ୍ତ ଶୁଣାଣି ନ ସରିବା ପର୍ଯ୍ୟନ୍ତ ତାଙ୍କୁ ଗିରଫ ନ କରିବା ଲାଗି ମଧ ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ୧୯୮୭ ବ୍ୟାଚ୍ ଭାରତୀୟ ବନ ବିଭାଗ ପ୍ରଶାସନିକ ଅଧିକାରୀ (ଆଇଏଫଏସ୍) ଅଭୟ ପାଠକ ଓ ତାଙ୍କ ପୁଅ ଆକାଶ ପାଠକଙ୍କ ବିରୋଧରେ ସମ୍ପତ୍ତି ଠୁଳ ଓ ଠକେଇ ମାମଲାରେ ଭିଜିଲାନ୍ସ ୧୫୦ ଜଣ ଅଧିକାରୀଙ୍କୁ ନେଇ ଏକାଧିକ ଚଢଉ ତଥା ମାମଲା କରିଥିଲା । ୯ କୋଟି ୩୫ ଲକ୍ଷ ଟଙ୍କାର ବେଆଇନ ସମ୍ପତ୍ତି ଥିବା ଦର୍ଶାଇଥିଲା ଭିଜିଲାନ୍ସ । ୨୭ ନଭେମ୍ବର ୨୦୨୦ରେ ଉଭୟ ବାପ-ପୁଅଙ୍କୁ ଗିରଫ କରାଯାଇଥିଲା । ପରେ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ଆଣି ରାଜ୍ୟ ସରକାର ଅଭୟଙ୍କୁ ଚାକିରୀରୁ ନିଲମ୍ବିତ କରିଥିଲେ । ପ୍ରାୟ ଦୁଇମାସ ଜେଲରେ ରହିବା ପରେ ଭିଜିଲାନ୍ସ ଚାର୍ଜସିଟ୍ ଦାଖଲ କରି ନ ପାରିବାରୁ ୨୭ ଜାନୁୟାରୀ ୨୦୨୧ରେ ତାଙ୍କୁ ଜାମିନ ମିଳିଥିଲା ।।

ସେହିଭଳି ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ତଥା ଓଏସଆଇସିର ତତ୍କାଳୀନ ଅଧ୍ୟକ୍ଷ ପାର୍ଥସାରଥୀ ମିଶ୍ରଙ୍କ ଘଟଣା ଥିଲା ଅତ୍ୟନ୍ତ ରୋଚକ । ଯେଉଁ ଅଧିକାରୀଙ୍କୁ ସମ୍ପତ୍ତି ଠୁଳ ଅଭିଯୋଗରେ ୨୦୧୭ ଫେବୃଆରୀରେ ଭିଜିଲାନ୍ସ ଗିରଫ କରିଥିଲା, ୧୨୦ ଦିନରେ ବି ତାଙ୍କ ବିରୋଧରେ ଆବଶ୍ୟକ କାଗଜପତ୍ର ଦାଖଲ କରିପାରି ନଥିଲା । କୋର୍ଟରେ କାଗଜପତ୍ର ଦାଖଲ ନ କରିବାରୁ ତାଙ୍କୁ ଜାମିନ ମିଳିଥିଲା । ଘଟଣା ଏତିକିରେ ଶେଷ ହୋଇ ନଥିଲା । ରାଜ୍ୟ ସରକାର ପରେ ଶ୍ରୀ ମିଶ୍ରଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବା ସହିତ ଏକ ଗୁରୁତ୍ୱପୂର୍ଣ୍ଣ ପଦରେ ତାଙ୍କୁ ଅବସ୍ଥାପିତ କରିଥିଲେ । ଏହା ଭିଜିଲାନ୍ସ ବିଭାଗକୁ ସାଧାରଣରେ ନିନ୍ଦିତ ତଥା ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ।

ସେହିପରି ୨୦୧୬ ଅଗଷ୍ଟ ୯ରେ ବରିଷ୍ଠ କର୍କଟରୋଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ସେନାପତି ଏବଂ ତାଙ୍କ ପତ୍ନୀଙ୍କୁ ଜେବିଏସ୍ଏଲ୍(ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଲିମିଟେଡ) ଔଷଧ କମ୍ପାନୀ ଦ୍ୱାରା ପ୍ରସ୍ତୁତ କର୍କଟ ଔଷଧ ଲେଖି ଗରିବ କର୍କଟ ରୋଗୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଭିଜିଲାନ୍ସ ବାନ୍ଧିଥିଲା ଏଥିସହିତ ଜେବିଏସ୍ଏଲ୍ ସଂସ୍ଥାର ମାଲିକ ସୁଧାଂଶୁ ଦାସଙ୍କୁ ମଧ ଭିଜିଲାନ୍ସ ଗିରଫ କରିଥିଲା । ଜେଲରେ ୪ମାସ ରହିବା ପରେ ଭିଜିଲାନ୍ସ କୋର୍ଟରେ ଚାର୍ଜସିଟ୍ ଦାଖଲ କଲାନି କି ନିମ୍ନମାନର ଔଷଧ ଲେଖିଥିବାର କୌଣସି ପ୍ରମାଣ ଯୋଗାଡ କରିପାରିଲାନି । ଫଳରେ ଉଭୟଙ୍କୁ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିବା ସହ ଭିଜିଲାନ୍ସ ରୁଜୁ କରିଥିବା ମାମଲାକୁ ପ୍ରତ୍ୟାହାର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ସେହିପରି ୨୦୧୭ ନଭେମ୍ବରରେ ସରକାରୀ ପଦର ଅପବ୍ୟବହାର, ନିର୍ଦ୍ଦିଷ୍ଟ ଔଷଧ କମ୍ପାନୀ ପ୍ରତି ଅହେତୁକ ଅନୁକମ୍ପା ଓ ଗରିବ କର୍କଟରୋଗୀଙ୍କୁ ବିଭିନ୍ନ ଉପାୟରେ ଶୋଷଣ ଅଭିଯୋଗରେ ଭିଜିଲାନ୍ସ ବିଭାଗ କଟକ ବଡ଼ ଡାକ୍ତରଖାନା ରକ୍ତରୋଗ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ରବୀନ୍ଦ୍ର ଜେନା ଓ ସହକାରୀ ପ୍ରଫେସର ଡାକ୍ତର ସୁଧା ସେଠୀଙ୍କୁ ଗିରଫ କରିଥିଲା । ଡାକ୍ତର ସେନାପତିଙ୍କ ପରି ଡା. ଜେନା ଓ ଡା. ସେଠୀଙ୍କ ବିରୋଧରେ ମଧ ନିର୍ଦ୍ଦିଷ୍ଟ ସମୟ ଅବଧିରେ ପ୍ରମାଣ ଯୋଗାଡରେ ଭିଜିଲାନ୍ସ ବିଫଳ ରହିଥିଲା । ଯେଉଁଥିପାଇଁ ଅଦାଲତ ସେମାନଙ୍କୁ ମୁକ୍ତ କରିଥିଲେ । କେବଳ ଏହି କେତୋଟି ଦୃଷ୍ଟାନ୍ତ ନୁହେଁ, ଏମିତି ଖୋଜିଲେ ରାଶି ରାଶି ମାମଲା ନଜରକୁ ଆସିବ ।



# ସୁଖମୃତ୍ୟୁ

## ମହାତ୍ମା ଗାନ୍ଧୀ

ମନୁଷ୍ୟର ମୃତ୍ୟୁର ଦାରୁଣ ଉତ୍ପୀଡ଼ନକୁ ଅସହାୟଭାବରେ ସହ୍ୟ କରୁଥିବା ଗୋଟିଏ କୁକୁର ଓ ସେହି କାରଣରୁ ଅନ୍ୟ ଯେକୌଣସି ଜୀବିତ ପ୍ରାଣୀର ଦୁଃଖକୁ ମୁଁ ଗୋଟିଏ କ୍ଷଣ ପାଇଁ ମଧ ଦେଖି ରହିପାରିବି ନାହିଁ । ଏହି ପରିସ୍ଥିତିରେ ଥିବା ଜଣେ ମନୁଷ୍ୟକୁ ମୁଁ କଦାପି ହତ୍ୟା କରିବି ନାହିଁ, କାରଣ ମୋ'ପାଖରେ ଅଧିକ ଆଶାଜନକ ଔଷଧମାନ ସର୍ବଦା ମହଜୁଦ ରହିଥିବ । ମାତ୍ର, ସେହି ଅବସ୍ଥାରେ ଗୋଟିଏ କୁକୁରକୁ ମୁଁ ମାରିଦେବି, କାରଣ ତା' କ୍ଷେତ୍ରରେ ମୋ' ପାଖରେ କୌଣସି ଅନ୍ୟ ପ୍ରତିକାର ନ ଥିବ, ଯଦି ମୋ' ନିଜ ସନ୍ତାନକୁ ଜଳାତଙ୍କ ରୋଗ ହୁଏ ଏବଂ ତା'ର ଯନ୍ତ୍ରଣା ଦୂର କରିବାଲାଗି ମୋ' ପକ୍ଷରେ କୌଣସି ଆଶାଜନକ ଔଷଧ ନଥାଏ, ତେବେ ତା'ର ଜୀବନର ଅନ୍ତ ଘଟାଇବାକୁ ମୁଁ ମୋ'ର କର୍ତ୍ତବ୍ୟ ବୋଲି ବିଚାର କରିବି ।

ଭାଗ୍ୟବାଦର ମଧ ନିଜର ସୀମାମାନ ରହିଛି । ସକଳ ପ୍ରତିକାର ନିଷ୍ଫଳ ହେଲେ ଆମେ ସବୁ କଥାକୁ ଭାଗ୍ୟ ହାତରେ ଛାଡ଼ି ଦେଇଥାଉ । ଏକ ଅନ୍ୟତମ ପ୍ରତିକାର ଏବଂ ଗୋଟିଏ ଯନ୍ତ୍ରଣାଜର୍ଜର ଶିଶୁର ଯନ୍ତ୍ରଣାକୁ ଦୂର କରି ପାରିବାର ସର୍ବଶେଷ ପ୍ରତିକାରଟି ହେଉଛି ତା'ର ଜୀବନର ଅବସାନ ଘଟାଇବା ।

ଗୋଟିଏ ଗାଈକୁ ରକ୍ଷା କରିବାପାଇଁ ମୁଁ ଜଣେ ମନୁଷ୍ୟକୁ ହତ୍ୟା କରିବିନାହିଁ ଏବଂ ଜଣେ ମନୁଷ୍ୟର ଜୀବନ ଯେତେ ମୂଲ୍ୟବାନ୍ ହୋଇଥାଉ ପଛକେ, ତାହାର ରକ୍ଷା କରିବାଲାଗି ମୁଁ ଏକ ଗାଈକୁ ମଧ ହତ୍ୟା କରିବିନାହିଁ । ମୋ' ମତରେ ଗୋଟିଏ ମେଣ୍ଢାଛୁଆର ଜୀବନ ଜଣେ ମନୁଷ୍ୟର ଜୀବନଠାରୁ ଆଦୌ କମ୍ ମୂଲ୍ୟବାନ୍ ନୁହେଁ । ଏହି ମଣିଷର ଶରୀର ନିମନ୍ତେ ମୁଁ ଗୋଟିଏ ମେଣ୍ଢାଛୁଆର ଜୀବନ ନେବାକୁ କଦାପି ରାଜି ହେବିନାହିଁ । ମୁଁ ଭାବୁଛି ଯେ ଗୋଟିଏ ପ୍ରାଣୀ ଯେତେ ଅଧିକ ଅସହାୟ ହୋଇଥିବ, ମନୁଷ୍ୟର ନିର୍ଦ୍ଦୟତାରୁ ମନୁଷ୍ୟର ସୁରକ୍ଷା ପାଇବା ଲାଗି ତାହାର ସେତିକି ଅଧିକ ଅଧିକାର ରହିଛି ।

# ଚିନ୍ତାଧାରାକୁ ପ୍ରଭାବିତ କରେ ଗଞ୍ଜେଇ

ମନୁଷ୍ୟ ସମାଜରେ ଗଞ୍ଜେଇ ବ୍ୟବହାର ହଜାର ହଜାର ବର୍ଷ ପୁରୁଣା । ଅନେକେ ଏହାର ସେବନ ଦ୍ୱାରା ଆନନ୍ଦ ଏବଂ ଉତ୍ସାହିତ ଅନୁଭବ କରୁଥିବାବେଳେ କେତେକ ଦେଶରେ ଗଞ୍ଜେଇ ବ୍ୟବହାରକୁ ବୈଧ ମଧ କରାଯାଇଛି । ୨୦୧୮ରେ ଜାତିସଂଘ ପକ୍ଷରୁ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ବିଶ୍ୱବ୍ୟାପୀ ୧୫ରୁ ୬୪ ବର୍ଷ ବୟସର ପ୍ରାୟ ୧୯.୨ କୋଟି ଲୋକ ମନୋରଞ୍ଜନ ପାଇଁ ଗଞ୍ଜେଇ ସେବନ କରିଥାନ୍ତି । ସେମାନଙ୍କ ମଧ୍ୟରୁ ୧୮ରୁ ୨୫ ବର୍ଷ ବୟସର ଯୁବଗୋଷ୍ଠୀଙ୍କ ସଂଖ୍ୟା ପ୍ରାୟ ୩୫ ପ୍ରତିଶତ । କିନ୍ତୁ ୨୬ ବର୍ଷ କିମ୍ବା ଉର୍ଦ୍ଧ ବୟସର ମାତ୍ର ୧୦ ପ୍ରତିଶତ ଏହି ନିଶା ସେବନ କରିଥାନ୍ତି । ଅର୍ଥାତ କିଶୋରମାନେ ଅଧିକ ମାତ୍ରାରେ ଗଞ୍ଜେଇ ବ୍ୟବହାର କରିଥାନ୍ତି । ଏହାର ସେବନ ମସ୍ତିଷ୍କକୁ କିପରି ପ୍ରଭାବିତ କରେ ସେ ନେଇ ଜର୍ନାଲ ଅଫ୍ ସାଇକୋ- ଫାର୍ମାକୋଲୋଜି, ନ୍ୟୁରୋସାଇକୋଫାର୍ମା କୋଲୋଜି ଏବଂ ଇଣ୍ଟରନ୍ୟାଶନାଲ ଜର୍ନାଲ ଅଫ୍ ନ୍ୟୁରୋ ସାଇକୋ ଫାର୍ମାକୋଲୋଜିରେ ଏକ ଗବେଷଣା ରିପୋର୍ଟ ପ୍ରକାଶ ପାଇଛି । ଗବେଷଣାରୁ ଜଣାପଡ଼ିଛି, ଟେଟ୍ରାହାଇଡ୍ରୋକାନାବିନୋଲ ଗଞ୍ଜେଇରେ ଥିବା ମୁଖ୍ୟ ସାଇକୋଆକ୍ଟିଭ୍ ପଦାର୍ଥ । ଏହା ମସ୍ତିଷ୍କର ଏଣ୍ଡୋକାନାବିନୋଏଡ୍ ସିଷ୍ଟମ (ଗଞ୍ଜେଇରେ ଥିବା ରାସାୟନିକ ପଦାର୍ଥ ସହ ପ୍ରତିକ୍ରିୟା କରୁଥିବା ରିସେପ୍ଟର) ଉପରେ କାର୍ଯ୍ୟ କରିଥାଏ । ମସ୍ତିଷ୍କର ପ୍ରିଫ୍ରେଣ୍ଟାଲ ଏବଂ ଲିମ୍ବିକ୍ ଭାଗରେ ଗଞ୍ଜେଇର ରିସେପ୍ଟର ରହିଥାଏ । ଡୋପାମାଇନ୍, ଗାମା ଆମିନୋବ୍ୟୁଟ୍ରିକ୍ ଏସିଡ୍ (ଗାବା) ଆଦି କେମିକାଲ ନିର୍ଗତ ହେବା ପାଇଁ ମସ୍ତିଷ୍କକୁ ଯାଉଥିବା ସଙ୍କେତକୁ ତାହା ନିୟନ୍ତ୍ରିତ କରିଥାଏ । ଆମେ ଜାଣୁ ଯେ, ମଣିଷ ଶିଖିବା, ପ୍ରୋତ୍ସାହିତ ହେବା ଆଦି ପାଇଁ ଡୋପାମାଇନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେହିପରି ସଜ୍ଞାନାତ୍ମକ ପ୍ରକ୍ରିୟା ଯଥା ଶିଖିବା କଥା ମନେ ରଖିବା, ବୁଝିବା ଆଦି ପ୍ରକ୍ରିୟାରେ ଗାବା ସାମିଲ ହୋଇଥାଏ । ଗଞ୍ଜେଇ ସେବନ ଦ୍ୱାରା ଏହି କେମିକାଲ ଗୁଡ଼ିକ ଅନିୟନ୍ତ୍ରିତ ଭାବେ ମସ୍ତିଷ୍କରେ ନିର୍ଗତ ହେଉଥିବାରୁ ମଣିଷର ଶିଖିବା ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହ ବୁଝିବା ଶକ୍ତି ବିକଶିତ ହୋଇପାରି ନ ଥାଏ । ବିଶେଷ କରି କିଶୋର ବୟସରେ ପିଲାଙ୍କ ମସ୍ତିଷ୍କରେ ବିକାଶ ପ୍ରକ୍ରିୟା ଜାରିଥିବାବେଳେ ଗଞ୍ଜେଇ ସେବନ ଦ୍ୱାରା ତାହା ବାଧାପ୍ରାପ୍ତ ହୋଇଥାଏ । କ୍ରମାଗତ ଗଞ୍ଜେଇ ବ୍ୟବହାର ଦ୍ୱାରା ତାହା ଅଭ୍ୟାସରେ ପରିଣତ ହେବା ପରେ ସେମାନଙ୍କ କାମ, ଶିକ୍ଷା ତଥା ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହୋଇଥାଏ ବୋଲି ରିପୋର୍ଟରେ ଦର୍ଶାଯାଇଛି । ଏହା ସ୍ମୃତି ଶକ୍ତିକୁ କମ୍ କରିବା ସହ ଚିନ୍ତାଧାରା ତଥା ଭାବନା ଉପରେ ମଧ ନକାରାତ୍ମକ ପ୍ରଭାବ ପକାଇଥାଏ । ଗଞ୍ଜେଇ ସେବନ ଦ୍ୱାରା ଅନେକେ ମାନସିକ ରୋଗର ଶିକାର ହୋଇଥାନ୍ତି ।

## ବହୁ ଲାଭକାରୀ ସୋରିଷ

ଘରେ ଘରେ ସୋରିଷକୁ ସମସ୍ତେ ବିଭିନ୍ନ ପ୍ରକାରରେ ବ୍ୟବହାର କରିଥାନ୍ତି । ସ୍ୱାସ୍ଥ୍ୟ ପ୍ରତି ମଧ ଏହା ବେଶ୍ ଲାଭଦାୟକ ରହିଥାଏ କାରଣ ଏଥିରେ ରହିଥିବା କପର, ଆଇରନ୍, ମ୍ୟାଗ୍ନେସିୟମ ଏବଂ ସେଲେନିୟମ ଭଳି ତତ୍ତ୍ୱ ଶରୀରକୁ ଶକ୍ତି ଯୋଗାଇଥାଏ ।

ପ୍ରତିଦିନ ରାତିରେ ଗୋଟିଏ ଚାମଚ ସୋରିଷ ଭିଜାଇ ସକାଳୁ ଏହାର ପାଣିକୁ ମୁହଁରେ ଲଗାନ୍ତୁ । ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ମୁଖରେ ଦେଖା ଯାଉଥିବା ବ୍ରଣ, ବ୍ଲାକହେଡ୍ସ ଏବଂ ତୈଳାକ୍ତ ତ୍ୱଚାର ଅସୁବିଧାକୁ ଦୂର କରିଥାଏ ।



ସୋରିଷକୁ ଗୁଣ୍ଡକରି ଏଥିରେ କର୍ପୁର ମିଶାଇ ଗଣ୍ଠିରେ ମାଲିସ୍ କଲେ ସେଥିରେ ଆରାମ ମିଳିଥାଏ ।

ଅଧ ଚାମଚ ସୋରିଷକୁ ଗୁଣ୍ଡକରି ଗୋଟିଏ ଚାମଚ ମହୁରେ ମିଶାନ୍ତୁ । ଏହାକୁ ପ୍ରତିଦିନ ଖାଇଲେ ଜ୍ୱରରୁ ମୁକ୍ତି ମିଳିବ ।

ସୋରିଷ ତେଲରେ ଲୁଣ ମିଶାଇ ଦାନ୍ତରେ ଘଷିଲେ ଦାନ୍ତ ବିନ୍ଧା ଦୂର ହେବା ସହିତ ପାଇରିଆ ସମସ୍ୟା ମଧ ଚାଲିଯାଇଥାଏ ।

ସୋରିଷକୁ ବାଟି ମୁଣ୍ଡରେ ଲଗାଇଲେ ମାଇଗ୍ରେନରୁ ମୁକ୍ତି ମିଳିଥାଏ । ଏହା ସହିତ କେଶ ଝଡ଼ିବାକୁ ମଧ ରୋକିଥାଏ ।

୨ ଚାମଚ ସୋରିଷକୁ ଏକ ସୂତା କପଡ଼ାରେ ବାନ୍ଧି କିଛି ସମୟ ରଖନ୍ତୁ, ଏହାଦ୍ୱାରା ବିନ୍ଧା ଏବଂ ଦରଜରୁ ମୁକ୍ତି ମିଳିଥାଏ ।

୨ ଚାମଚ ସୋରିଷକୁ ଭାଜି ପେଷ୍ଟ କରି ଏହାକୁ ପାଦ ଏବଂ ହାତରେ ମସାଜ କଲେ, ହାର୍ଟ ପ୍ରୋବ୍ଲେମରୁ ବି ମୁକ୍ତି ମିଳିଥାଏ ।

## ଅମୃତଭଣ୍ଡାର ଔଷଧୀୟ ଗୁଣ

ପରିବା ଝୁଡିରେ ସମସ୍ତ ପରିବା ମଧ୍ୟରୁ ଅମୃତଭଣ୍ଡା ହେଉଛି ଅନ୍ୟତମ ସ୍ୱାସ୍ଥ୍ୟୋପଯୋଗୀ ପରିବା । ଏହି ବୃକ୍ଷଟି ବର୍ଷକ ମଧରେ ଫଳବତୀ ହୋଇଥାଏ । ଭାରତୀୟମାନଙ୍କର ଏହା ଏକ ପସନ୍ଦଯୋଗ୍ୟ ଫଳ ହୋଇଥିଲେ ମଧ ଏହାର ଜନ୍ମସ୍ଥାନ ଦକ୍ଷିଣ ଆମେରିକାରେ । ଆମେରିକାର ତ୍ରନୟଷ୍ଟନ ନାମକ ଜନୈକ ଉଦ୍ଭିଦ ବିଜ୍ଞାନୀ ଅମୃତଭଣ୍ଡାର ଗୁଣ ବର୍ଣ୍ଣନା କରିଛନ୍ତି । ଅମୃତଭଣ୍ଡାରେ ଏବିସିଡି ଭିଟାମିନ୍ ରହିଛି । ଅନ୍ୟଫଳ ତୁଳନାରେ ଏଥିରେ ଭିଟାମିନ୍‌ର ପରିମାଣ ସର୍ବାଧିକ । ଚୋପା ଛଡାଇ କାଟିବା ପରେ ଅମୃତଭଣ୍ଡା ଧୋଇବା ଉଚିତ ନୁହେଁ । କାରଣ ଧୋଇବା ଦ୍ୱାରା ସେଥିରେ ଥିବା ଖାଦ୍ୟପ୍ରାଣ ବହୁ ପରିମାଣରେ ନଷ୍ଟ ହୋଇଥାଏ । କଞ୍ଚା ଅମୃତଭଣ୍ଡାକୁ ମାଂସ ସହ ରାନ୍ଧି ଖାଇଲେ ମାଂସ କୋମଳ, ସୁସ୍ୱାଦୁ ଓ ସହଜରେ ହଜମ ହୋଇଥାଏ । କଞ୍ଚା ଅମୃତଭଣ୍ଡାର ତରକାରୀ ଖାଇଲେ ମହିଳା ମାନଙ୍କର ସ୍ତନ୍ୟବୃଦ୍ଧି ହୋଇଥାଏ । ଅତିସାର, ରକ୍ତାତିସାର ଓ ଅର୍ଶ ରୋଗରେ ବହୁଦିନ ଭୋଗିଲେ ଚିକିତ୍ସକମାନେ କଞ୍ଚା ଓ ପାଚିଲା ଅମୃତଭଣ୍ଡାକୁ ରୋଗୀମାନଙ୍କୁ ଦୈନିକ ଖାଦ୍ୟ ତାଲିକାରେ ରଖିବାକୁ ପରାମର୍ଶ ଦେଇଥାନ୍ତି । ବୟସ୍କମାନଙ୍କ ଯକୃତ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ କିମ୍ବା ଅଜୀର୍ଣ୍ଣ ଓ ଅର୍ଶରୋଗ ଭୋଗିଲେ ସେମାନେ କଞ୍ଚା ଓ ପାଚିଲା ଅମୃତଭଣ୍ଡା ଖାଇଲେ ଶୀଘ୍ର ରୋଗମୁକ୍ତ ହୋଇଥାନ୍ତି । କଞ୍ଚା ଅମୃତଭଣ୍ଡାକୁ ଲୁଣ ସହ ଚୋବାଇ ଖାଇଲେ ଦୁଇଶହ ଗୁଣ ଓଜନର ତୈଳାକ୍ତ ଖାଦ୍ୟ ହଜମ ହୋଇଥାଏ । ପାଚିଲା ଅମୃତଭଣ୍ଡା ମଧ ଏକ ଉତ୍କୃଷ୍ଟ ଖାଦ୍ୟ ଏହା ସହଜରେ ହଜମ ହୁଏ । ଏହା ସ୍ୱାଭାବିକ କୋଷ୍ଠ ବଦ୍ଧତାରେ ଉପକାରୀ । ଏହା ଅଜୀର୍ଣ୍ଣ ଓ ରକ୍ତସ୍ରାବୀ ଅର୍ଶରୋଗରେ ଅତ୍ୟନ୍ତ ଉପକାରୀ ।



## ସକାଳର ଶୁଭାରମ୍ଭ ବାଦାମରୁ କରନ୍ତୁ

ସୁସ୍ଥ ରହିବାକୁ ଚାହୁଁଥିଲେ ଦିନର ଶୁଭାରମ୍ଭ ଥଣ୍ଡା ପାଣି, ବାଦାମ ଏବଂ ଏକ୍ସରସାଇଜରୁ କରନ୍ତୁ । ଦେଖିବେ ଆପଣ ଦିନସାରା ଏନର୍ଜେଟିକ୍ ଫିଲ୍ କରିବେ । ଏକ ବିଶେଷଜ୍ଞ ଟିମ୍ ଏକଥା ପ୍ରକାଶ କରିଛି । ଫିଟନେସ ପରାମର୍ଶ କମ୍ପାନୀ ବେଟଲ ଅଫ୍ ବଲ୍‌ଜେସ୍‌ର ସଂସ୍ଥାପକ ଚିରାଗ ସେଠୀ ତାଙ୍କ ଫିଟନେସ୍ ଟିପ୍ସରେ ଯାହା କୁହନ୍ତି.. ।

ସକାଳୁ ଉଠିବା ପରେ ଅଧା ଲିଟର ଥଣ୍ଡା ପାଣି ଯେମିତି ହେଲେ ପିଅନ୍ତୁ । ଖାଲି ପେଟରେ ଥଣ୍ଡା ପାଣି ପିଇବା ଦ୍ୱାରା ମେଟାବଲିଜମ ବଢ଼ାଇବାରେ ସହାୟକ ହୋଇଥାଏ ।

ଖାଲି ପେଟରେ ୬-୧୦ ଟି ବାଦାମ କିମ୍ବା ଅଖରୋଟ ଖାଆନ୍ତୁ, ଏଥିରୁ କିଛି ଏଞ୍ଜାଇମ୍ସ ତିଆରି ହୋଇଥାଏ, ଯାହା ମେଟାବଲିଜମକୁ ବଢ଼ାଇବାରେ ମଧ ସାହାଯ୍ୟ କରିଥାଏ ।

ବ୍ରେକଫାଷ୍ଟ ଟିକେ ହେଭି ହେବା ଦରକାର, ଯାହା ସାରା ଦିନ ପାଇଁ ମଣିଷକୁ ଶକ୍ତି ପ୍ରଦାନ କରିଥାଏ । ଏହା କାର୍ବୋହାଇଡ୍ରେଟ ଏବଂ ପ୍ରୋଟିନରେ ଭରପୂର ହୋଇଥିବା ଜରୁରୀ ।

ଏହା ପରେ ଟିକେ ଏକ୍ସରସାଇଜ କରି ନିଅନ୍ତୁ, ଯାହାଦ୍ୱାରା ମାଂସପେଶୀ ଶକ୍ତ ହୋଇଥାଏ ଏବଂ ଡିଜେନେରେସନର ପ୍ରକ୍ରିୟାରେ କମି ଆସିଥାଏ ।

ଯେତେ ସମ୍ଭବ ହୋଇପାରେ ଚଲାବୁଲା କରନ୍ତୁ । ଏହାଦ୍ୱାରା ଅତିରିକ୍ତ କ୍ୟାଲୋରୀ ବର୍ଣ୍ଣ ହେବାରେ ସହାୟତା ମିଳିଥାଏ ।

ବାଦାମ ଏବଂ ଅଖରୋଟରେ ଥାଏ ଭରପୂର ଶକ୍ତି । ଏହାକୁ ଶକ୍ତିର ଭଣ୍ଡାର କହିଲେ ଅତ୍ୟୁକ୍ତି ହେବ ନି । ଦିନରେ ଅଳ୍ପଅଳ୍ପ ଚିନା ବାଦାମ ଖାଇବା ଭଲ ।



ଧ୍ୟାନ ଏବଂ ବିଶ୍ରାମ ଉପରେ ଅଧିକ ଧ୍ୟାନ ଦିଅନ୍ତୁ । ଏହାଦ୍ୱାରା ମାନସିକ ଶାନ୍ତି ମିଳିବା ସହିତ ଚିନ୍ତାଧାରାରେ ମଧ ବିକାଶ ଘଟିଥାଏ ।

## ଡାଲିମ୍ବର ଔଷଧୀୟ ଗୁଣ



ଅନେକ ରୋଗ ସହିତ ବିଭିନ୍ନ ସୌନ୍ଦର୍ଯ୍ୟ ପାଇଁ ମଧ ଡାଳିମ୍ବ ବେଶ୍ ଉପକାରୀ ହୋଇଥାଏ । ଡାଳିମ୍ବ ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ସହ ବିଭିନ୍ନ ରୋଗରୁ ମଧ ରକ୍ଷା କରିଥାଏ । ଯକ୍ଷ୍ମାରୋଗ ହୋଇଥିଲେ ଡାଳିମ୍ବ ସାହାଯ୍ୟରେ ଏହାର ଘରୋଇ ଚିକିତ୍ସା କରନ୍ତୁ । ଡାଳିମ୍ବର ପ୍ରୟୋଗରେ ଯକ୍ଷ୍ମା ଭଳି ରୋଗ ସହଜରେ ଦୂରୀଭୂତ ହୋଇଥାଏ । ମିଠା ଡାଳିମ୍ବ ରସ ୫୦ ଗ୍ରାମ ନେଇ ସେଥିରେ ପିପ୍ପଳି, ଧଳାଜିରା, ଶୁଣ୍ଠି, ଡାଳଚିନି ଗୁଣ୍ଡ ୧୦ ଗ୍ରାମ ମାତ୍ରାରେ ଏବଂ ୨ ଗ୍ରାମ ଭଲ କେଶର, ୨୦ ଗ୍ରାମ୍ ଭଲ ପୁରୁଣା ଗୁଡ଼ ନେଇ ଏସବୁକୁ ଏକତ୍ର କରି ସେଥିରେ ଡାଳିମ୍ବ ରସକୁ ମିଶାନ୍ତୁ । ଅଳ୍ପ ନିଆଁ ଧାସରେ ଏ ସବୁକୁ ସିଝାଇ ଦିଅନ୍ତୁ । ଗାଢ଼ ରଙ୍ଗ ହୋଇଗଲେ ନିଆଁ ଉପରୁ ଉଠାଇ ଥଣ୍ଡା କରିବାକୁ ଦିଅନ୍ତୁ । ତା' ଉପରେ ଅଳେଇଚ ଦାନା ପକାନ୍ତୁ । ଏହାକୁ ୬ ଗ୍ରାମ ମାତ୍ରାରେ ବଟିକା ପ୍ରସ୍ତୁତ କରନ୍ତୁ । ଏହି ବଟିକାକୁ ୨୫୦ ଗ୍ରାମ ଛେଳି ଦୁଧ ସହିତ ମାତ୍ର ଏକ ମାସ ସେବନ କଲେ ଯକ୍ଷ୍ମା ରୋଗରୁ ଉପଶମ ମିଳିଥାଏ ।

## ଶରୀର ପାଇଁ କଦଳୀ

ଅଧାପାଚିଲା କଦଳୀ କୋଷ୍ଠବଦ୍ଧତାକୁ ଭଲ କରିବାରେ ସହାୟକ ହୋଇଥାଏ ।

କଦଳୀରେ ଅଳ୍ପମାତ୍ରାରେ ଲୁଣ ମିଶାଇ ଖାଇବା ଦ୍ୱାରା ଡିସେଣ୍ଟ୍ରି ଭଲ ହୋଇଥାଏ ।



କଦଳୀରେ ଲୌହମାତ୍ରା ଅଧିକ ଥିବାରୁ ଏହା ଏନିମିଆ ରୋଗୀଙ୍କ ପାଇଁ ବେଶ୍ ଉପକାରୀ ହୋଇଥାଏ ।

ଆଣ୍ଠୁଗଣ୍ଠି ରୋଗ, କିଡନୀ ଅସୁବିଧା, ଯକ୍ଷ୍ମା ଓ ମୂତ୍ରାଶୟ ରୋଗରେ ମଧ କଦଳୀ ଅନେକାଂଶରେ ଉପଶମ ପ୍ରଦାନ କରିଥାଏ । ନିୟମିତ କଦଳୀ ଖାଇବା ଦ୍ୱାରା ହୃଦ୍‌ଘାତ ହେବାର ସମ୍ଭାବନା ମଧ କମ୍ ଥାଏ ।

ଯଦି ଆପଣଙ୍କ ଚର୍ମ ପୋଡିଯାଇଥାଏ କିମ୍ବା କୌଣସି କାରଣରୁ ମଳିନ ପଡିଯାଇଥାଏ ତେବେ କଦଳୀ ପେଷ୍ଟକୁ ଲଗାଇଲେ ବହୁତ ସୁଫଳ ମିଳିଥାଏ ।

## ସ୍ମରଣ ଶକ୍ତି ହ୍ରାସ କରାଏ ଚିନ୍ତା

ଚିନ୍ତାମୁକ୍ତ ନ ହେଲେ ଆପଣଙ୍କ ସ୍ମରଣ ଶକ୍ତି ଦୁର୍ବଳ ହୋଇଯିବ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି । ନିକଟରେ ଷ୍ଟୋନଫୋର୍ଡ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଅଧ୍ୟୟନରେ ଜଣାପଡିଛି ଯେ ଚିନ୍ତାଗ୍ରସ୍ତ କରାଉଥିବା ହରମୋନ୍ ସ୍ତର ଅଧିକ ବୃଦ୍ଧି ପାଇବା ଯୋଗୁଁ ମସ୍ତିଷ୍କର ରଚନାତ୍ମକ ଶକ୍ତି ଓ ସ୍ମରଣ ଶକ୍ତି ହ୍ରାସ ପାଇଥାଏ । ଏହି ଅଧ୍ୟୟନର ଅଧ୍ୟୟନକର୍ତ୍ତା ରବର୍ଟ ସପୋଲ୍ସି ଏକ ମୂଷା ଉପରେ ଏହି ପରୀକ୍ଷା କରିଥିଲେ । ମୂଷାଠାରେ ଦେଖା ଯାଉଥିବା ଅବସାଦ ପାଇଁ ଦାୟୀ କର୍ଟିକୋଷ୍ଟେରନ୍ ନାମକ ହରମୋନ୍ ମାନବ ମଧରେ ଥିବା କର୍ଟିସୋଲ୍ ସହ ସମାନ । ଏହି ହରମୋନ୍ ବୃଦ୍ଧି ପାଇଲେ ପ୍ରିଫ୍ରଣ୍ଟଲ୍ କାଟେକ୍ସ କୋଷିକା ବୃଦ୍ଧିପାଏ ଯେଉଁଥି ପାଇଁ ସ୍ମରଣଶକ୍ତି ହ୍ରାସପାଏ ବୋଲି ଅଧ୍ୟୟନରେ କୁହାଯାଇଛି ।



## ତ୍ୱଚା ପାଇଁ ତରଭୁଜ

ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରଖିବାରେ ତରଭୁଜ ସହାୟତା କରିଥାଏ । କେବଳ ସେତିକି ନୁହେଁ ଏହା ତ୍ୱଚାରେ ଚମକ୍ ମଧ ଆଣିଥାଏ ।



ଖରାଦିନେ ଟ୍ୟାନିଂରୁ ରକ୍ଷା ପାଇବାକୁ ହେଲେ ତରଭୁଜ ରସକୁ ଟ୍ୟାନିଂ ଜାଗାରେ ଲଗାନ୍ତୁ । ୧୫ ମିନିଟ୍ ପରେ ଥଣ୍ଡା ପାଣିରେ ଏହାକୁ ଧୋଇ ଦିଅନ୍ତୁ । ତରଭୁଜ ରସ ଓ କାକୁଡି ରସର ମିଶ୍ରଣ ମଧ ଟ୍ୟାନିଂ ଦୂର କରିଥାଏ ।

ତରଭୁଜ ରସରେ ଅଳ୍ପ ପରିମାଣର ବେସନ ମିଶାଇ ମୁହଁରେ ସ୍କ୍ରବ୍ ଭାବେ ବ୍ୟବହାର କରନ୍ତୁ । ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ । କିଛିଦିନ ଏପରି କଲେ ତ୍ୱଚାରେ ଚମକ୍ ଆସିଥାଏ ।

ଦହି ଓ ତରଭୁଜ ରସର ମିଶ୍ରଣରେ ଫେସପ୍ୟାକ୍ ପ୍ରସ୍ତୁତ କରି ମୁହଁ ଓ ବେକରେ ଲଗାନ୍ତୁ । ଶୁଖିଯିବା ପରେ ଏହାକୁ ଧୋଇ ଦିଅନ୍ତୁ । ତରଭୁଜ୍ ରସ ତ୍ୱଚାରେ ଜଳୀୟ ଅଂଶକୁ ସନ୍ତୁଳିତ ରଖୁଥିବା ବେଳେ ଦହିରେ ଥିବା ଲାକ୍ଟିକ୍ ଏସିଡ୍ ତ୍ୱଚାକୁ ମସୃଣ ଓ କୋମଳ ରଖିଥାଏ ।

ତରଭୁଜ୍ ଓ ପୋଦିନା ପତ୍ର ରସର ମିଶ୍ରଣକୁ ଫ୍ରିଜରେ ରଖନ୍ତୁ । ଏହି ରସ ବରଫ ହୋଇଗଲେ ଏହାକୁ ମୁହଁରେ ଧୀରେ ଧୀରେ ମାଲିସ୍ କରନ୍ତୁ ।

ତରଭୁଜ ଖଣ୍ଡ ହାତରେ ନେଇ ଏହାକୁ ଧୀରେ ଧୀରେ ମୁହଁରେ ଘଷନ୍ତୁ । ଶୁଖିଯିବା ପରେ ନଖ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ମୁହଁରୁ ବ୍ଲାକହେଡସ୍ ଦୂର କରିବାରେ ଏହା ବେଶ୍ ଲାଭକାରୀ ସାବ୍ୟସ୍ତ ହୋଇଥାଏ ।

# ସ୍ୱର୍ବେଦ

**ପାଛେ ସେ ଆକାଶ ଭଯ୍, ଗୁଣ**
**ଅକାଶ ଯହି ନାହିଁ ।**
**ଜନ୍ମ ଆଦ୍ୟ ହୈ ଯାହି ସେ, ହୈ**
**ଜଗତାନ୍ତର ମାହିଁ ॥୩୯॥**

ଭାଷ୍ୟ - ଅକ୍ଷର ପ୍ରକଟ ହେବା ପରେ ଜଗତର ବିସ୍ତାର ନିମନ୍ତେ ଆକାଶ ପ୍ରକଟ ହୋଇଛି । ସେଥିପାଇଁ ସେହି ଅକ୍ଷର ଆକାଶର ମଧ୍ୟ କାରଣ ଅଛି ଏବଂ ସେହି ଅକ୍ଷରରୁ ହିଁ ଆକାଶ, ବାୟୁ ଆଦି ପଞ୍ଚଭୂତ, ନବଗ୍ରହର ସମାହାରରେ ଏହି ବିଶାଳ ସୃଷ୍ଟିର ନିର୍ମାଣ ହୋଇଛି । ସେଥିପାଇଁ ଏହି ନିତ୍ୟ ଚେତନ କୂଟସ୍ଥ ଅକ୍ଷର ଆକାଶର ଗୁଣ ନାହିଁ । ଆକାଶ ଜଡ଼ ଏବଂ ଅନିତ୍ୟ ବସ୍ତୁ ଅଟେ ଯାହାର ଗୁଣ ଶବ୍ଦ ଅଟେ । ସେହି ଅକ୍ଷର ଠାରୁ ଜଗତର ଉତ୍ପତ୍ତି, ପାଳନ ଆଉ ଲୟ ହୋଇଥାଏ ଏବଂ ସେହି ଅକ୍ଷର ପ୍ରକୃତିର ସମସ୍ତ ପଦାର୍ଥମାନଙ୍କରେ ଓତଃପ୍ରୋତ ବ୍ୟାପକ ଅଛି । ଅକ୍ଷରର ଆଧାର ସମ୍ପର୍କରେ ପରବର୍ତ୍ତୀ ଦୋହାରେ କୁହାଯାଇଛି ।

**ତାକେ ଅନ୍ତର ପୁରୁଷ ହୈ, ଅଗମ**
**ଅନନ୍ତ ଅପାର ।**
**ଧାରଣ ଅକ୍ଷର କୋ କରେ,**
**ଏକପାଦ ସଂସାର ॥୪୦॥**

ଭାଷ୍ୟ - ସେହି ଅକ୍ଷୟ ନାମ ଆଦି ବାଣୀ ଭିତରେ ସୂକ୍ଷ୍ମ ବ୍ୟାପକ ପରମ ପୁରୁଷ ଅଛନ୍ତି । ସେହି ଅନନ୍ତ ଅସୀମ ପରମ ପୁରୁଷ ଅକ୍ଷର ଦ୍ୱାରା ଏକପାଦ ସଂସାରକୁ ଧାରଣ କରିଛନ୍ତି, ଅର୍ଥାତ୍ ଅକ୍ଷର ଠାରୁ ମଧ୍ୟ ସୂକ୍ଷ୍ମ ଅକ୍ଷରରେ ବ୍ୟାପକ ଅକ୍ଷରର ଆଧାର, ନିଃଶବ୍ଦ ପରମ ପୁରୁଷ ଅଟନ୍ତି ।

**ଅକ୍ଷର ସେ କ୍ଷର ହୋତ ହୈ,**
**ବାହର ଭୀତର ଜୋୟ ।**
**ବାହର ମେଁ ସବ ଗ୍ରନ୍ଥ ହୈଁ, କ୍ଷରତ**
**ଶବ୍ଦ ମେଁ ସୋୟ ॥୪୧॥**

ଭାଷ୍ୟ - ଅକ୍ଷରରୁ ହିଁ କ୍ଷରର ସୃଷ୍ଟି । ପିଣ୍ଡ ବ୍ରହ୍ମାଣ୍ଡ ଭିତରେ ଯେଉଁ ଶବ୍ଦ ଅଛି ଏବଂ ବାଣୀ ଶବ୍ଦ ଦ୍ୱାରା ଯେଉଁ ଗ୍ରନ୍ଥମାନଙ୍କର ରଚନା ହେଉଅଛି, ସେ ସମସ୍ତ କ୍ଷର ଶବ୍ଦମାନଙ୍କରୁ ନିର୍ମିତ । ଅକ୍ଷର ତଳକୁ ପ୍ରକୃତି ମଣ୍ଡଳରେ ଯେତିକି ଶବ୍ଦ ଅଛନ୍ତି, ସେ ସମସ୍ତ କ୍ଷର ଶବ୍ଦ ଅଟନ୍ତି ଏବଂ ଯେଉଁ ବାକ୍ୟ ବାଣୀରେ ଉଚ୍ଚାରଣ ହୋଇଥାଏ, ସେ ସମସ୍ତ କ୍ଷର ଅଟନ୍ତି ଆଉ ଅକ୍ଷୟ ନାମାକ୍ଷର କୂଟସ୍ଥ ଅଟେ ।

**ସବ ଶବ୍ଦୌଂ କେ ଅନ୍ତରେ, ସବ**
**ଓ୍ୱରଣୋ ମେଁ ଓ୍ୱାସ ।**
**ସର୍ବ ଓ୍ୱର୍ଣ୍ଣ ଯହି ସେ ବନେ, ହୋୟ**
**ଉଚ୍ଚାରଣ ତାସ ॥୪୨॥**

ଭାଷ୍ୟ - ଅକ୍ଷୟ ନାମ ପ୍ରକୃତି ମଣ୍ଡଳର ସମସ୍ତ ଶବ୍ଦମାନଙ୍କ ଭିତରେ ଅଛି ଏବଂ ସମସ୍ତ ବର୍ଣ୍ଣ ଅକ୍ଷରମାନଙ୍କରେ ବାସ କରିଥାନ୍ତି । ଏହି ଅକ୍ଷର ଦ୍ୱାରା ସମସ୍ତ ବର୍ଣ୍ଣ ନିର୍ମିତ ହୁଅନ୍ତି ଏବଂ ଏହାର ଆଧାରରେ ବର୍ଣ୍ଣମାନଙ୍କର ବାଣୀ ଦ୍ୱାରା ଉଚ୍ଚାରଣ ହୋଇଥାଏ । ଅକ୍ଷୟ ନାମ ସର୍ବ ବର୍ଣ୍ଣ, ଅକ୍ଷରମାନଙ୍କର ଆଧାର ଏବଂ ଅନ୍ତରାତ୍ମା ଅଟେ ।

**ରରଂକାର ଓଂକାର ହୈ, ସୋହଂ**
**ଶକ୍ତୀ ଜାନ ।**
**ଏକ ନିରନ ଶବ୍ଦ ହୈ, ପାଞ୍ଚ ଶବ୍ଦ**
**ଯହ ମାନ ॥୪୩॥**

ଭାଷ୍ୟ - ଅକ୍ଷରର ଧାରା ଯେତେବେଳେ ବ୍ରହ୍ମାଣ୍ଡକୁ ଓହ୍ଲେଇ ଆସେ, ସେତେବେଳେ ରରଂ, ଓମ୍, ସୋଽହଂ, ଶକ୍ତି ଆଉ ନିରନ - ଏ ପାଞ୍ଚ ଶବ୍ଦ ସ୍ଥାନ ଭେଦରେ ସୃଷ୍ଟି ହୁଅନ୍ତି ।

**ଜଡ଼ ଚେତନ ମିଶ୍ରିତ ବନୈ, ପାଞ୍ଚୋ**
**ଶବ୍ଦ ସମାନ ।**
**ବ୍ରହ୍ମ ବ୍ରହ୍ମାଣ୍ଡୀ କହତ ହୈଁ, ସନ୍ତନ**
**ଅନ୍ତର ଜ୍ଞାନ ॥୪୪॥**

ଭାଷ୍ୟ - ଅକ୍ଷରର ଚେତନ ଆଧାରରୁ, ପ୍ରକୃତିର ସମ୍ବନ୍ଧରେ, ବ୍ରହ୍ମାଣ୍ଡ ଭିତରେ ପାଞ୍ଚ ଶବ୍ଦ ଥାଆନ୍ତି । ଏହା ହିଁ ବ୍ରହ୍ମାଣ୍ଡୀ ପଞ୍ଚବ୍ରହ୍ମ ଅଟନ୍ତି, ଯାହା ସନ୍ତମାନଙ୍କର ବିହଙ୍ଗମ ଯୋଗ ସାଧନାରେ ବ୍ରହ୍ମାଣ୍ଡ ଭିତରେ ଅନୁଭବ ହୋଇଥାନ୍ତି । ଏହି ପାଞ୍ଚଶବ୍ଦ ବ୍ରହ୍ମ ରାଜଯୋଗର ଭୂମିରେ ରହିଥାନ୍ତି । ବିହଙ୍ଗମ ଯୋଗର ଭୂମି ଏହାର ଆଗକୁ ଚେତନ ମଣ୍ଡଳରେ ଅଛି ।

**ବାହର ଜେତେ ଓ୍ୱର୍ଣ୍ଣ ହୈଁ, ଅକ୍ଷର**
**ସବ ମେଁ ଜାନ ।**
**ଚେତନ ମିଶ୍ରିତ ଶବ୍ଦ ହୈଁ, ଜଡ଼**
**ଚେତନ ମିଲି ମାନ ॥୪୫॥**


ଭାଷ୍ୟ - ଦନ୍ତ, ଓଷ୍ଠ, କଣ୍ଠ ଏବଂ ମୂର୍ଦ୍ଧା ଦ୍ୱାରା ଯେତେ ଶବ୍ଦ ଉଚ୍ଚାରଣ ହୋଇଥାନ୍ତି, ସେହି ସମସ୍ତ ବର୍ଣ୍ଣମାନଙ୍କରେ ଅକ୍ଷର ବିଦ୍ୟମାନ ଏବଂ ସମସ୍ତ ଜଡ଼ ଶବ୍ଦ ଚେତନର ମିଶ୍ରଣରେ ସୃଷ୍ଟ । ପ୍ରାକୃତିକ ସମସ୍ତ ଶବ୍ଦ ଜଡ଼ ଏବଂ ଚେତନ ଉଭୟଙ୍କର ସମ୍ବନ୍ଧରୁ ସୃଷ୍ଟି ହୋଇଥାଏ । ଏଗୁଡ଼ିକ ସ୍ୱତଃ ଶବ୍ଦ ନୁହନ୍ତି, ବରଂ ଅନ୍ୟ ପରିଣାମରୁ ଅକ୍ଷର ଦ୍ୱାରା ଜଡ଼ ସହିତ ମିଶି ହୋଇଥାନ୍ତି । ଜଡ଼ ଚେତନ ମିଶ୍ରିତ ସମସ୍ତ ଶବ୍ଦ କ୍ଷର ଏବଂ ନାଶବାନ୍ ତଥା ଅନିତ୍ୟ ଅଟନ୍ତି, ସହଜ ଶବ୍ଦ ନୁହନ୍ତି ।

**ପ୍ରକୃତି ସମ୍ବନ୍ଧୀ ଶବ୍ଦ ଜୋ, ପଞ୍ଚଭୂତ**
**ସେ ହୋୟ ।**
**ବ୍ୟାପକ କାରଣ ନାହିଁ ହୈ, ଜଡ଼ ଓ୍ୱ**
**ଶବ୍ଦ ହୈଁ ସୋୟ ॥୪୬॥**

ଭାଷ୍ୟ - ପ୍ରକୃତିର ସମ୍ବନ୍ଧରୁ ପଞ୍ଚଭୂତ କାରଣରୁ ଯେଉଁ ଶବ୍ଦ ହୋଇଥାନ୍ତି, ସେଗୁଡ଼ିକ ବ୍ୟାପକ ଅକ୍ଷର ନୁହନ୍ତି । ସେଗୁଡ଼ିକ ବ୍ରହ୍ମାଣ୍ଡୀ ସ୍ଥାନୀୟ ଜଡ଼ ଶବ୍ଦ ଅଟନ୍ତି । ଚେତନ ଅକ୍ଷର ଏହି ଜଡ଼ ଶବ୍ଦଗୁଡ଼ିକର ଆଧାର, କାରଣ ଏବଂ ସମସ୍ତଙ୍କର ଆତ୍ମା ଅଟେ ।

**ସର୍ବ ଓ୍ୱର୍ଣ୍ଣ ସବ ଶବ୍ଦ ମେଁ, ଅକ୍ଷର**
**ବ୍ୟାପକ ଜାନ ।**
**ସର୍ବ ଓ୍ୱର୍ଣ୍ଣ ଉତପନ୍ନ ହୈଁ, ମିଶ୍ରିତ ସବ**
**କୋ ମାନ ॥୪୭॥**

ଭାଷ୍ୟ - ସମସ୍ତ ବର୍ଣ୍ଣ ଅକ୍ଷରମାନଙ୍କରେ ଚେତନ ଅକ୍ଷର ବ୍ୟାପକ ଅଟନ୍ତି ଆଉ ସମସ୍ତ ବର୍ଣ୍ଣ ଶବ୍ଦ




ତାଙ୍କଠାରୁ ଉତ୍ପନ୍ନ ହୋଇଥାନ୍ତି ଏବଂ ସେ ସମସ୍ତ ଶବ୍ଦମାନଙ୍କରେ ମିଶି ରହିଛନ୍ତି । ତାଙ୍କ ବିନା କୌଣସି ବର୍ଣ୍ଣ ବାକ୍ୟ ହୋଇପାରିବ ନାହିଁ । ସେଥିପାଇଁ ଏହି ଅକ୍ଷର ସମସ୍ତ ବର୍ଣ୍ଣ ଏବଂ ଶବ୍ଦମାନଙ୍କର କାରଣ ତଥା ଆଧାର ଅଟେ ।

**ଘଟ ଘଟ ମେଁ ଜୋ ବୋଲତା,**
**ଅକ୍ଷର ବ୍ରହ୍ମ ହୈ ସୋୟ ।**
**ଓ୍ୱହୀ ସୃଷ୍ଟି ମେଁ ବ୍ୟାପ୍ତ ହୈ, ଜଡ଼**
**ଚେତନ ମୟ ଦୋୟ ॥୪୮॥**

ଭାଷ୍ୟ - ସମଗ୍ର ଦେହ ସଂଘାତ ଭିତରେ ଏକ ବିଶେଷ ମୂଳ ସ୍ଥାନରେ ଯେଉଁ ଧ୍ୱନି ଉଠୁଛି ତାହା ହିଁ ଅକ୍ଷର ବ୍ରହ୍ମ ଅଟେ । ଘଟ ଅର୍ଥାତ୍ ଶରୀର, ଆଉ ସେହି ଘଟରେ ଯେଉଁ ବିଶେଷ ସ୍ଥାନ ଅଛି, ତାହାକୁ ମଧ୍ୟ ଏହି ପଦରେ 'ଘଟ' ବୋଲି କୁହାଯାଇଛି । ସେହି ଅକ୍ଷର ଜଡ଼ ଚେତନ ସୃଷ୍ଟିର ସମସ୍ତ ପଦାର୍ଥମାନଙ୍କରେ ଓତଃପ୍ରୋତ ବ୍ୟାପକ ଅଟେ ।

**ଘଟ ଘଟ ମେଁ ହୈ ବୋଲତା,**
**ଓ୍ୱାକୋ ଲେ ପହିଚାନ ।**
**ଯହି ତୋ ଅକ୍ଷର ବ୍ରହ୍ମ ହୈ, ସବ**
**ଓ୍ୱରଣୌଁ କୀ ଖାନ ॥୪୯॥**

ଭାଷ୍ୟ - ଶରୀରର ମୂଳ ସ୍ଥାନରେ ଯିଏ କହୁଛି, ତାହାକୁ ଅନୁଭବ ଯୁକ୍ତିଭେଦରେ ଚିହ୍ନ ଏବଂ ପରୀକ୍ଷା ନିରୀକ୍ଷା କର । ସମସ୍ତ ବର୍ଣ୍ଣ ଏବଂ ଅକ୍ଷରମାନଙ୍କର ଆଧାର ଏବଂ ଚାରି ବାଣୀର ଉଦଗମ ସେହି ଅକ୍ଷର ବ୍ରହ୍ମ ଅଟେ, ଅର୍ଥାତ୍ ସମସ୍ତ ବର୍ଣ୍ଣ ଏବଂ ଅକ୍ଷରମାନଙ୍କର ଆତ୍ମା, ଆଧାର ଏବଂ ଉଦଗମ ଅକ୍ଷର ବ୍ରହ୍ମ ଅଟେ । ଆତ୍ମାରୁ ଭିନ୍ନ, ସୂକ୍ଷ୍ମ ଅକ୍ଷର ଅଟେ ଏବଂ ଏହା ସମସ୍ତ ପ୍ରାକୃତିକ ଶବ୍ଦମାନଙ୍କର ଆଧାର ଅଟେ ।

**ତେହି ଅନ୍ତର ନିଃଶବ୍ଦ ହୈ, ପୂରଣ**
**ପୁରୁଷ ହମାର ।**
**ପରବ୍ରହ୍ମ ପରମାତମା, ଅଓ୍ୱିଗତି**
**ଅଗମ ଅପାର ॥୫୦॥**

ଭାଷ୍ୟ - ଅକ୍ଷର ବ୍ରହ୍ମଙ୍କର ଅନ୍ତର ପୂର୍ଣ୍ଣ ପୁରୁଷ ପରଂବ୍ରହ୍ମ ପରମାତ୍ମା ବ୍ୟାପକ ଅଟନ୍ତି, ଯିଏ ସମସ୍ତଙ୍କର ନିୟନ୍ତା, ଅନନ୍ତ, ଅସୀମ ଆଉ ଅନୁଭବଗମ୍ୟ ଅଟନ୍ତି । ଆତ୍ମା, ପ୍ରକୃତି ଏବଂ ବ୍ରହ୍ମ ସମସ୍ତଙ୍କର ଆଧାର ଅନ୍ତର୍ଯ୍ୟାମୀ ଯିଏ ପୂର୍ଣ୍ଣ ପୁରୁଷ ଅଟନ୍ତି, ସେ ମୋର ଆରାଧ୍ୟ ସ୍ୱାମୀ ଅଟନ୍ତି । ତାଙ୍କରି ଭକ୍ତିରୁ ଆତ୍ମା କଲ୍ୟାଣ ହୋଇ ପରମ ଶାନ୍ତି, ନିର୍ବାଣ ପଦ ପ୍ରାପ୍ତ କରିଥାଏ ।

**ଅଜ ଅଦ୍ୱୈତ ଅନୂପ ହୈ, ଅଗମ**
**ସଚ୍ଚିଦାନନ୍ଦ ।**
**ସୋ ଜୀଓ୍ୱନ କା ପ୍ରାଣ ହୈ, ଓ୍ୱହୀ**
**ଭକ୍ତ ଉର ଚନ୍ଦ ॥୫୧॥**

ଭାଷ୍ୟ - ସେହି ସଚ୍ଚିଦାନନ୍ଦ ପ୍ରକୃତି ପାର ଇନ୍ଦ୍ରିୟ ଅଗୋଚର ଏବଂ ନିତ୍ୟ ଅଦ୍ୱିତୀୟ ଅଟନ୍ତି । ସେ ହିଁ ସମସ୍ତ ଜୀବମାନଙ୍କର ଆଧାର ଏବଂ ପ୍ରଭୁ ଭକ୍ତମାନଙ୍କର ହୃଦୟରେ ଆନନ୍ଦ, ପ୍ରକାଶଯୁକ୍ତ ପରମ ପ୍ରଭୁ ଅଟନ୍ତି ।

**ସାହେବ ଯୋଗ ଓ୍ୱିଯୋଗ ମେଁ,**
**ସାହେବ ଦୁଖ ସୁଖ ସାଥ ।**
**ଦେଓ୍ୱ ସଦାଫଲ ଶରଣ ଗହୁ, କୃପା**
**ସେନ୍ଧୁ ପ୍ରଭୁ ନାଥ ॥୫୨॥**

ଭାଷ୍ୟ - ପ୍ରକୃତି ଭିତରେ ସମସ୍ତ ପଦାର୍ଥମାନଙ୍କର ଯୋଗ ଏବଂ ବିଯୋଗ ନିରବଚ୍ଛିନ୍ନ ଭାବରେ ଚାଲିଥାଏ । ସଂସାରରେ କୌଣସି ସମ୍ବନ୍ଧ ଏକ ସ୍ୱରୂପରେ ଅଥବା ଏକ ରୂପରେ ସ୍ଥିର ହୋଇ ରହିପାରେ ନାହିଁ । ଭିନ୍ନ ଭିନ୍ନ କର୍ମ, ଗୁଣ ଏବଂ ସ୍ୱଭାବରେ ବ୍ୟକ୍ତିମାନଙ୍କର ଅନେକ ପ୍ରକାରର ବ୍ୟବହାର ତଥା ବିଚାର ଅଛି । ସେଥିପାଇଁ ବ୍ୟକ୍ତିମାନଙ୍କର ନିଜ ବ୍ୟବହାରରେ ସାମସ୍ୟ, ଏକତା ଅଥବା ଏକମତ ହୋଇ ନ ପାରେ । ସଂସାରରେ ଯେଉଁ ପଦାର୍ଥମାନଙ୍କର ସମ୍ବନ୍ଧ ହେବା ଫଳରେ ସୁଖ ପ୍ରାପ୍ତି ହୋଇଥାଏ, ସେ ସମସ୍ତ ପଦାର୍ଥ ଯେତେବେଳେ ନିଜ ଠାରୁ ଅଲଗା ହୋଇଯାଆନ୍ତି, ସେତେବେଳେ ସେମାନଙ୍କର ବିୟୋଗରେ ଦୁଃଖ ଜାତ ହୁଏ । ସେଥିପାଇଁ କ୍ଷଣିକ ସୁଖ ଆଉ ଦୁଃଖର ପ୍ରାପ୍ତିରେ ଜୀବ ଚଞ୍ଚଳ ଏବଂ ଉଦ୍‌ବିଗ୍ନ ହୋଇଯାଏ । ସଂସାରରେ ସର୍ବତ୍ର ଆଶା, ବାସନା ଆଉ ମାନ-ପ୍ରତିଷ୍ଠା, ନାନା ପ୍ରକାରର କାମନା ନିମନ୍ତେ ବ୍ୟକ୍ତି ପ୍ରୟାସ କରିଥାଏ ଆଉ ସେସବୁର ଅନୁପଲବ୍ଧିରେ ଅତ୍ୟନ୍ତ କଷ୍ଟ ଅନୁଭବ କରେ । ଏହା ଅତିରିକ୍ତ ସାଂସାରିକ ସୁଖର ପ୍ରାପ୍ତି ନିମନ୍ତେ ଅଧିକ ପରିଶ୍ରମ ଏବଂ ସେହି ସୁଖମାନଙ୍କର ଉପଯୋଗ ନିମନ୍ତେ ଅନେକ ପ୍ରକାରର ବାଧାର ସମ୍ମୁଖୀନ ହେବାକୁ ପଡ଼େ । ସେଥିପାଇଁ ଜୀବନ ସର୍ବଦା ବାଧାବିଘ୍ନାଦିରେ ଘେରି ରହିଥାଏ । ସଂସାରରେ ଏହି ନଶ୍ୱର ଶରୀରକୁ ପ୍ରାପ୍ତ କରି କେହି ସୁଖୀ ହୋଇ ପାରିବେ ନାହିଁ । ଏହି ଅସାର ସଂସାରରେ ଏକମାତ୍ର ଆଧାର ପରମ ପ୍ରଭୁ ଅଟନ୍ତି । ସଂସାରରେ ପଦାର୍ଥମାନଙ୍କର ଯୋଗ-ବିଯୋଗରେ ଦୁଃଖ ଏବଂ ସୁଖ ପ୍ରାପ୍ତି ହୋଇଥାଏ ଆଉ ସେ ପଦାର୍ଥ ନିଜ ସମୟ, ଅବଧି ହେଲେ ଜୀବନରୁ ଚାଲିଯାଆନ୍ତି । ପରନ୍ତୁ ସାହେବ, ଯିଏ ସଂସାରର ସ୍ୱାମୀ ଏବଂ ନିୟନ୍ତା ଅଟନ୍ତି, ସେ କେବେହେଲେ ଛାଡ଼ି ଯାଆନ୍ତି ନାହିଁ । ତିନି କାଳରେ ତାଙ୍କର ସମ୍ବନ୍ଧ ଏକ ସମାନ ରହିଥାଏ । ସଂସାରର ସମସ୍ତ ସମ୍ବନ୍ଧ ଅନିତ୍ୟ ଅଟେ । ଜୀବର ପରମ ପ୍ରଭୁଙ୍କଠାରେ ଏକ ନିତ୍ୟ ସମ୍ବନ୍ଧ ରହିଛି । ସେ ହିଁ ସମସ୍ତ ସଂସାରର ସଂରକ୍ଷକ ଏବଂ ସ୍ୱାମୀ ଅଟନ୍ତି । ସେଥିପାଇଁ ଦୁଃଖ ଏବଂ ସୁଖରେ ସର୍ବଦା ସ୍ଥିତପ୍ରଜ୍ଞ ରହି, ସେହି ଭକ୍ତବତ୍ସଳ କୃପାସାଗରଙ୍କର ଶରଣାଗତ ହୋଇ, ତାଙ୍କଠାରେ ଜଳମୀନବତ୍ ଭକ୍ତି କରିବା ମାନବ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ମାନବ ଜୀବନର ପ୍ରଧାନ କର୍ତ୍ତବ୍ୟ ପରମ ପ୍ରଭୁଙ୍କର ଭକ୍ତି ଅଟେ । ଭକ୍ତିରୁ ହିଁ ଜୀବନ ସୁଖୀ ହୋଇ ନିତ୍ୟ ପରମାନନ୍ଦରେ ନିମଗ୍ନ ହୋଇ ସ୍ଥିର ଏବଂ ଶାନ୍ତ ହୋଇଯାଏ । ଏହା ଏହି ଦୋହାର ଅଭିପ୍ରାୟ ଅଟେ । ସ୍ୱର୍ବେଦର ଏହି ସପ୍ତମ ଅଧ୍ୟାୟରେ ମନ, ପବନ, ଅକ୍ଷର, ଚେତନ ଦ୍ୱାରର ବର୍ଣ୍ଣନା ଏବଂ ପରିଶେଷରେ ପ୍ରଭୁଙ୍କର ମହିମା ଗାନ କରାଯାଇଛି ।

## ସକାରାତ୍ମକ ମାନସିକତା ପାଇଁ



ଆମର ମାନସିକତା ସକାରାତ୍ମକ ରହିଲେ ଆମେ ନିଜ କାମକୁ ବେଶ୍ ସୁଚାରୁ ଭାବରେ ତୁଲାଇପାରୁ । କିନ୍ତୁ ଚିନ୍ତାଗ୍ରସ୍ତ ହେଲେ ତାହାର ପ୍ର ଭାବ ମାନସିକତା ଉପରେ ପଡ଼ିଥାଏ । ମାନସିକତାକୁ ସକାରାତ୍ମକ ରଖିବା ପାଇଁ ଟଟକା ଫଳମୂଳର ଭୂମିକା ରହିଛି ବୋଲି ଏକ ସର୍ଭେରୁ ଜଣାପଡ଼ିଛି । 'ଟଟକା ଫଳମୂଳ ଓ ସକାରାତ୍ମକ ମାନସିକତା' ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ପୁଷ୍ଟି ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଟଟକା ଫଳମୂଳ ସାମିଲ କରିଥିଲେ । ସେମାନଙ୍କର ମାନସିକତା ପୂର୍ବାପେକ୍ଷା ସକାରାତ୍ମକ ରହୁଥିବାର ଜଣାପଡ଼ିଥିଲା । ବିଶେଷଭାବରେ ଏପରି ଫଳମୂଳକୁ ବ୍ରେକଫାଷ୍ଟରେ ସାମିଲ କଲେ ଏଥିରୁ ପ୍ରସ୍ତୁତ ଜୁସ୍ ମଧ ପିଇପାରନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ଡାଲଚିନିର ଉପକାରିତା

ମୁଖ୍ୟତଃ ଶ୍ରୀଲଙ୍କା ଏବଂ ଦକ୍ଷିଣ ଭାରତରେ ଡାଲଚିନି ବୃକ୍ଷ ବହୁଳ ଭାବେ ଦେଖିବାକୁ ମିଳିଥାଏ । ଦଶରୁ ପନ୍ଦର ମିଟର ଯାଏଁ ବଢ଼ିପାରେ ଏହି ବୃକ୍ଷ । ଏହି ଗଛର ଶୁଖିଲା ପତ୍ର ଏବଂ ଛେଲିକୁ ମସଲା ଭାବେ ବ୍ୟବହାର କରାଯାଇଥାଏ । ଏହାର ଏକ ମନମୋହକ ବାସ୍ନା ଥିବାରୁ ଏହାକୁ ଗରମ ମସଲା ଭାବେ ସାମିଲ କରାଯାଇଛି । ଅର୍ଥାତ୍ ଆମର ରୋଷେଇ ଶାଳରେ ସ୍ଥାନ ପାଇ ପାରିଛି । ତେବେ ଏହା କେବଳ ତରକାରୀକୁ ସ୍ୱାଦିଷ୍ଟ କରେ ନାହିଁ ସ୍ୱାସ୍ଥ୍ୟର ମଧ ଯତ୍ନ ନେଇଥାଏ । ଏହା ମୋଟାପଣକୁ ଦୂର କରିବା ସହ ଆହୁରି ଅନେକ ରୋଗରୁ ରକ୍ଷା କରିଥାଏ । ରକ୍ତଶୋଧକ ଭାବେ କାର୍ଯ୍ୟ କରିଥାଏ ।

➢ ଗୋଟେ ଚାମଚ ମହୁରେ ଟିକେ ଡାଲଚିନି ଗୁଣ୍ଡ ମିଶାଇ ସକାଳେ ଏବଂ ସନ୍ଧ୍ୟାରେ ଖାଇବା ଦ୍ୱାରା ଥଣ୍ଡା, କାଶ ଆଦିରୁ ଆରୋଗ୍ୟ ମିଳିଥାଏ । ନଖଉଷୁମ ପାଣିରେ ଚିମୁଟାଏ ଡାଲଚିନି ପାଉଡର, ଚିମୁଟାଏ ଗୋଲମରିଚ ଗୁଣ୍ଡ, ସାମାନ୍ୟ ମହୁ ମିଶାଇ ପିଇବା ଦ୍ୱାରା ଥଣ୍ଡା ଏବଂ ଗଳା ଖିଚ୍‌ଖିଚ୍‌ରୁ ରକ୍ଷା ମିଳେ । ଥଣ୍ଡା ପବନ ବାଜି ମୁଣ୍ଡବିନ୍ଧା ହେଉଥିଲେ ଡାଲଚିନି ଗୁଣ୍ଡକୁ ପାଣିରେ ମିଶାଇ ପେଷ୍ଟ କରି ମଥାରେ ଲଗାଇବା ଦ୍ୱାରା ଆରାମ ମିଳିଥାଏ ।

➢ ଅଳ୍ପ ଉଷୁମ ପାଣିରେ ଡାଲଚିନି ଗୁଣ୍ଡ ଏବଂ ଟିକେ ମହୁମିଶାଇ ଶରୀର ପୀଡ଼ା ହେଉଥିବା ସ୍ଥାନରେ ଲଗାଇ ଧୀରେ ଧୀରେ ମାଲିସ୍ କଲେ ପୀଡ଼ା ଦୂର ହୋଇଥାଏ । ଏକ କପ୍ ଅଳ୍ପ ଉଷୁମ ପାଣିରେ ଏକ ଚାମଚ ମହୁ ଏବଂ ଅଧଚାମଚ ଡାଲଚିନି ଗୁଣ୍ଡ ମିଶାଇ ପିଇବା ଦ୍ୱାରା ଗଣ୍ଠି ଦରଜରୁ ରକ୍ଷା ମିଳିଥାଏ ।

➢ ସମାନ ମାତ୍ରାରେ ଡାଲଚିନି ଗୁଣ୍ଡ ଏବଂ ମହୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟ ତ୍ୱଚାରେ ଲଗାଇବା ଦ୍ୱାରା ତ୍ୱଚାର ଅନେକ ସମସ୍ୟା ଦୂର ହୋଇଥାଏ । ଡାଲଚିନି ପାଉଡରରେ ଟିକେ ଲେମ୍ବୁରସ ମିଶାଇ ଲଗାଇବା ଦ୍ୱାରା ବ୍ରଣ ଦୂର ହୁଏ ।

➢ ପେଟର ବିଭିନ୍ନ ରୋଗ ପାଇଁ ଡାଲଚିନି ଉପକାରୀ । ଅଜୀର୍ଣ୍ଣ ହେଉଥିଲେ ଏହାକୁ ବ୍ୟବହାର କରିବା ଦରକାର । ଝାଡ଼ା ବାନ୍ତିରେ ପୀଡିତ ବ୍ୟକ୍ତି ମଧ ଏହା କରି ପାରିବେ । ଗୋଟେ ଚାମଚ ମହୁରେ ଚିମୁଟାଏ ଡାଲଚିନି ଗୁଣ୍ଡ ମିଶାଇ ଖାଇବା ଦ୍ୱାରା ପେଟ ଯନ୍ତ୍ରଣା, ଏସିଡିଟି ଦୂର ହୁଏ । ଖାଦ୍ୟ ସହଜରେ ହଜମ ହୋଇଯାଏ ।

➢ ଚା' ପତିରେ ଗୋଟେ



ଚାମଚ ଡାଲଚିନି ପାଉଡର ମିଶାଇ ଗୋଟେ ଗ୍ଲାସ ପାଣିଦେଇ ଫୁଟାନ୍ତୁ । ଏହାକୁ ଓହ୍ଲାଇ ସେଥିରେ ଦୁଇ ଚାମଚ ମହୁ ମିଶାନ୍ତୁ । ସକାଳ ଜଳଖିଆ କରିବାର ଅଧଘଣ୍ଟା ପୂର୍ବରୁ ପିଅନ୍ତୁ । ରାତିରେ ଶୋଇବାକୁ ଯିବାର ଅଧଘଣ୍ଟା ପୂର୍ବରୁ ମଧ ପିଅନ୍ତୁ । ନିୟମିତ ଏପରି କରିବା ଦ୍ୱାରା ଶରୀର ଅନାବଶ୍ୟକ ଚର୍ବି ହ୍ରାସ ପାଏ । ଏପରିକି ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା ସତ୍ତ୍ୱେ ଶରୀରରେ ଚର୍ବି ବଢ଼େ ନାହିଁ, ଓଜନ କମ୍ ରହେ ।

➢ ଖାଦ୍ୟରେ ଡାଲଚିନି ଗୁଣ୍ଡ ଏକ ଚାମଚ ମିଶାଇ ଖାଇବା ଦ୍ୱାରା ଏହା ରକ୍ତଶର୍କରା ସ୍ତରକୁ ହ୍ରାସ କରିଥାଏ । ମହୁ ଏବଂ ଡାଲଚିନି ଗୁଣ୍ଡକୁ ମିଶାଇ ଏହାକୁ ରୁଟି ସହ ଖାଇବା ଦ୍ୱାରା ଧମନୀରେ କୋଲେଷ୍ଟରଲ ଜମା ହେଇ ରହେନାହିଁ, ତେଣୁ ହୃଦରୋଗର ଆଶଙ୍କା କମିଯାଏ । ଯେଉଁମାନଙ୍କୁ ଥରେ ହାର୍ଟଷ୍ଟ୍ରୋକ୍ ହୋଇ ସାରିଛି ଏହାକୁ ନିଜ ଖାଦ୍ୟରେ ସାମିଲ୍ କରନ୍ତୁ ।

➢ ଅଧଲିଟର ନଖଉଷୁମ ପାଣିରେ ଦୁଇ ଚାମଚ ମହୁ ଏବଂ ତିନି ଚାମଚ ଡାଲଚିନି ଗୁଣ୍ଡ ମିଶାଇ ଦିଅନ୍ତୁ । ଏହାକୁ ସେବନ କରିବା ଦ୍ୱାରା ଦୁଇଘଣ୍ଟା ମଧରେ କୋଲେଷ୍ଟରଲ୍ ସ୍ତର ଦଶ ପ୍ରତିଶତ ଖସିଆସେ । ତିନିଦିନରେ ଏପରି ତିନିଥର ସେବନ କରିବା ଦ୍ୱାରା କୋଲେଷ୍ଟରଲ ପ୍ରାୟତଃ କମିଯାଏ ।

➢ ଆମାଶୟ ଏବଂ ବୋନ୍ କ୍ୟାନସରରେ ପୀଡିତ ବ୍ୟକ୍ତି ଡାଲଚିନି ଏବଂ ମହୁର ବ୍ୟବହାର କରିବା ଦରକାର । କ୍ୟାନସର ପୀଡିତ ରୋଗୀ ଗୋଟେ ଚାମଚ ମହୁରେ ଗୋଟେ ଚାମଚ ଏହାର ଗୁଣ୍ଡ ମିଶାଇ ଉଷୁମ ପାଣି ସହ ସେବନ କଲେ ଆରାମ ପାଏ ।

➢ ମହୁ ଏବଂ ଡାଲଚିନି ଗୁଣ୍ଡକୁ ସମାନ ମାତ୍ରାରେ ମିଶାଇ ଗୋଟେ ଗୋଟେ ଚାମଚ ସକାଳେ ଏବଂ ରାତିରେ ଖାଇବା ଦ୍ୱାରା ଶ୍ରବଣ ଶକ୍ତି ବୃଦ୍ଧି ପାଇଥାଏ । କାନକୁ କମ୍ ଶୁଭୁଥିଲେ ଡାଲଚିନିର ତେଲ ଦୁଇବୁନ୍ଦା ପକାଇବା ଦ୍ୱାରା ବଧିରତା ଦୂର ହୁଏ ।

➢ ଗୋଟେ ଚାମଚ ମହୁରେ ଚିମୁଟାଏ ଡାଲଚିନି ଗୁଣ୍ଡ ମିଶାଇ ଦିନକୁ ଦୁଇ ତିନିଥର ଦାନ୍ତରେ ମାଲିସ୍ କରିବା ଦ୍ୱାରା ଦାନ୍ତବିନ୍ଧାରୁ ରକ୍ଷା ମିଳିଥାଏ । ଏପରିକି ଏହାକୁ ସେବନ କରିବା ଦ୍ୱାରା ମାନସିକ ଅବସାଦ ଦୂର ହୁଏ ଏବଂ ସ୍ମୃତିଶକ୍ତି ବୃଦ୍ଧି କରିଥାଏ । ଏହା ଶ୍ୱାସ ରୋଗରୁ ମଧ ରକ୍ଷା କରିଥାଏ ।

## ଆଣ୍ଠୁଗଣ୍ଠି ଦରଜ ଓ ଅଦା ରସ

ଅଦା ରସରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି । ବିଶେଷଭାବରେ ଏହି ରସ ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ଯଦି ଜଣେ ବ୍ୟକ୍ତି ପ୍ରତିଦିନ ୧୦-୨୦ ମିଲି ଅଦା ରସରେ ଅଳ୍ପ ଗୁଡ଼ ମିଶାଇ ପିଅନ୍ତି ତେବେ ତାହା ଏପରି ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ । କେବଳ ସେତିକି ନୁହେଁ, ଅଦା ରସରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଜିଙ୍କ୍ ଏବଂ ମିନେରାଲ ଭରି ରହିଛି । ଥଣ୍ଡାଜନିତ ସମସ୍ୟା ପାଇଁ ଅଦା ରସ ବରଦାନ ସଦୃଶ କାମ କରିଥାଏ । ଏଥିରୁ ଉପଶମ ପାଇବା ପାଇଁ ଅଦା ରସ, ମହୁ, ତୁଳସୀ ପତ୍ର ମିଶ୍ରିତ ଚା' ପିଇପାରନ୍ତି । ନାକରୁ ପାଣି ଗଡିବା, ମୁଣ୍ଡ ବିନ୍ଧିବା ପରି ସମସ୍ୟାରୁ ଏହି ରସ ଉପଶମ ଦେଇଥାଏ ।



## ଆପଣ ଜାଣନ୍ତି କି ?

➪ ଟ୍ୟୁଲିଫ୍ ଫୁଲ ଅତିବେଶୀରେ ୩ ଦିନ ପର୍ଯ୍ୟନ୍ତ ସତେଜ ରହିଥାଏ ।
➪ ଗଛରୁ ଏହା ଛିଣ୍ଡାହେଲା ପରେ ମଧଦୈନିକ ୧ ଇଞ୍ଚ ବଢ଼ିଥାଏ ।
➪ ଯୁକ୍ତରାଷ୍ଟ୍ର ଆମେରିକା ଟ୍ୟୁଲିଫ୍ ବ୍ୟବସାୟରେ ସବୁଠାରୁ ଅଗ୍ରଣୀ ।
➪ ତୁର୍କୀର ଜାତୀୟ ଫୁଲ ହେଉଛି ଟ୍ୟୁଲିଫ୍ ଫୁଲ ।
➪ ବିଶ୍ୱରେ ୩,୦୦୦ ପ୍ରଜାତିର ଟ୍ୟୁଲିଫ୍ ଫୁଲ୍ ଦେଖାଯାଏ ।
➪ ଇଉରୋପରେ ଟ୍ୟୁଲିପ୍ ଫୁଲକୁ ଶୁଭର ପ୍ରତୀକ ମନେ କରାଯାଇଥାଏ ।
➪ ବିଦେଶର ଅଧିକାଂଶ ରେଷ୍ଟୋରାଁରେ ଏକ ଫୁଲ ରହିବା ବାଧ୍ୟତାମୂଳକ ।
➪ 'ପୁଫର୍' ନାମକ ଏ ମାଛ ବିଷାକ୍ତ ମାଛ ଭାବେ ଜଣାଯାଏ ।
➪ ଏହି ମାଛଟି 'ବ୍ଲୋ ଫିସ୍' ଓ 'ବେଲୁନ୍ ଫିସ୍' ନାମରେ ମଧ ଜଣାଯାଏ । କାରଣ ଏହି ମାଛଟି ଅତ୍ୟଧିକ ମାତ୍ରାରେ ପାଣି ଶୋଷିନେଇ ନିଜ ଶରୀରକୁ ବେଲୁନ୍ ଭଳି ଫୁଲାଇ ପାରେ ।
➪ ସମୁଦ୍ର ଗର୍ଭରେ ପ୍ରାୟ ୧୨୦ ପ୍ରଜାତିର ମାଛ ଦେଖାଯାଆନ୍ତି । ସେମାନଙ୍କ ମଧରୁ ପ୍ରାୟ ୨୯ ପ୍ରଜାତି ମଧୁର ଜଳରେ ବାସ କରନ୍ତି ।
➪ ଜାପାନରେ ଏହି ମାଛଟି 'ଫଗୁ' ନାମରେ ଜଣାଯାଏ । ଏଥିରୁ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଜାପାନୀମାନେ ଖୁବ୍ ପସନ୍ଦ କରନ୍ତି । ଏହାକୁ ପ୍ରସ୍ତୁତ କରିବା ପାଇଁ ସେଫ୍‌ମାନେ ସ୍ୱତନ୍ତ୍ର ତାଲିମ ନେଇଥାନ୍ତି । ସେମାନେ 'ଫଗୁ ସେଫ୍' ନାମରେ ଜଣାଯାଆନ୍ତି ।
➪ ଏହି ମାଛଟିର ଚର୍ମ ମୋଟା ଓ ଖଦଡିଆ ହୋଇଥିବାରୁ ଶତ୍ରୁମାନଙ୍କ କବଳରୁ ନିଜକୁ ରକ୍ଷା କରିଥାଏ ।

## କହିପାରିବେ କି ?

(୧) ସମ୍ରାଟ୍‌ଶାହାଜାହାନଙ୍କ ତାଜମହଲର ଡିଜାଇନ୍ ତିଆରି କରିଥିବା ବାସ୍ତୁକାରଙ୍କ ନାମ କ'ଣ ?
(୨) ଓଁକାରେଶ୍ୱର ମନ୍ଦିର କେଉଁଠାରେ ଅଛି ?
(୩) 'ରାଷ୍ଟ୍ରୀୟ ପ୍ରୋଟିନ୍ ଦିବସ ୨୦୨୨' କେବେ ପାଳନ କରାଯାଇଥିଲା ?
(୪) ଆଗ୍ରା କେଉଁ ନଦୀ କୂଳରେ ଅବସ୍ଥିତ ?
(୫) 'ଫାଇଜର୍ ଇଣ୍ଡିଆ'ର ନୂଆ ଅଧକ୍ଷ କିଏ ହୋଇଛନ୍ତି ?
(୬) 'ମିଶନ ଇନ୍ଦ୍ରଧନୁଷ୍ ଅଭିଯାନ' କେଉଁ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି ?
(୭) ସଂପ୍ରତି ଯୁଦ୍ଧ ବିଧ୍ୱସ୍ତ ୟୁକ୍ରେନରେ ଫସି ରହିଥିବା ଭାରତୀୟ ଛାତ୍ରଙ୍କୁ ଫେରାଇ ଆଣିବା ପାଇଁ ଭାରତ ସରକାର କେଉଁ ଅଭିଯାନ ଆରମ୍ଭ କରିଥିଲା ?
(୮) ଓଡ଼ିଶାର ପ୍ରଥମ କୁଳପତିଙ୍କ ନାମ କ'ଣ ?
(୯) ବେଜିଂ ଶୀତକାଳୀନ ଅଲିମ୍ପିକ୍‌ରେ କେଉଁ ଦେଶ ସବୁଠୁ ଅଧିକ ସ୍ୱର୍ଣ୍ଣ ପଦକ ଜିତିଛି ?
(୧୦) 'ଦାଦା ସାହେବ ଫାଲକେ ଅନ୍ତରାଷ୍ଟ୍ରୀୟ ଫିଲ୍ମ ମହୋତ୍ସବ ପୁରସ୍କାର ୨୦୨୨ କେଉଁ ଫିଲ୍ମକୁ 'ଫିଲ୍ମ ଅଫ୍ ଦ ଇଅର' ପୁରସ୍କାର ପ୍ରଦାନ କରାଯାଇଛି ?

**JUMBLE WORDS**

| | | | |
|---|---|---|---|
| 1) ULNTB | = | 6) CGEYA | = |
| 2) SLEPL | = | 7) OELPEP | = |
| 3) RPYULE | = | 8) NACCEH | = |
| 4) JNNUUS | = | 9) THICW | = |
| 5) CABHE | = | 10) NXNOE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ହର୍ଷବର୍ଦ୍ଧନ, ୨. ଦାଦା ସାହେବ ଫାଲ୍‌କେ, ୩. କବି ପ୍ରଦୀପ, ୪.ବୃନ୍ଦାବନ ଲାଲ ବର୍ମା, ୫.ରୁଷିଆ, ୬. ଏଟଲି, ୭. ଫୁଟବଲ, ୮. ଗରୁଡ଼, ୯. କାସ୍‌ପିଆନ ସାଗର, ୧୦. ସିକିମ୍ ।

***Jumble Words*** **ର ଉତ୍ତର :-**

(1) DIVERT (2) SHADOW (3) SLANT (4) GLAND (5) TUSSLE (6) INJECT (7) RAZOR (8) OUNCE (9) TOMATO (10) RIPPLE.

# ଅଧ୍ୟାତ୍ମର ବିଲକ୍ଷଣ ଥାତି- ଗୀତା

**ଗୀତା** ଅଧ୍ୟାତ୍ମର ବିଲକ୍ଷଣ ଥାତି । ଏଥିରେ ଭାରତୀୟ ଦର୍ଶନର ବ୍ରହ୍ମପ୍ରାପ୍ତି ତଥା କର୍ମର ଆଦର୍ଶଗୁଡ଼ିକର ବ୍ୟାବହାରିକ ପକ୍ଷ ସମ୍ୟକ୍ ଓ ବୋଧଗମ୍ୟ ରୂପେ ସମାହିତ । କେବଳ ଭାରତ ନୁହେଁ, ବରଂ ସାରା ଜଗତ୍ ପାଇଁ ଏଥିରେ ଆମର ସନ୍ଦେଶ ସନ୍ନିହିତ । ଗୀତାରେ ସମନ୍ୱୟାତ୍ମକ ମାର୍ଗଗୁଡ଼ିକର ନିର୍ଦ୍ଧାରଣ କରାଯାଇଛି । ଏହା ମୋକ୍ଷ ପ୍ରାପ୍ତିର କୌଣସି ମାର୍ଗକୁ ତିରସ୍କାର ନ କରି ପ୍ରତ୍ୟେକ ପଥରେ ଗୀତାର କର୍ମଯୋଗର ମାର୍ଗକୁ ପ୍ରତିଷ୍ଠିତ କରିଥାଏ । ଗୀତାର ମୂଳ ପ୍ରତିପାଦନ କର୍ମଯୋଗ ହିଁ ଅଟେ । ଏଥିରେ ସମଙ୍କର ନାମ ହିଁ ଯୋଗ ବୋଲି କୁହାଯାଇଛି ।

ଯୋଗ କର୍ମସୁ କୌଶଳମ୍– ଅର୍ଥାତ୍ କର୍ମରେ କୁଶଳତାକୁ ହିଁ ଯୋଗ କହନ୍ତି ନିଜର ସମଗ୍ର କାର୍ଯ୍ୟ, ଇଚ୍ଛା ଓ ସ୍ୱୟଂକୁ ଅହଂକାର ରହିତ କରି ପରମେଶ୍ୱରଙ୍କ ସହିତ ମିଶାଇବା ହିଁ ଜ୍ଞାନମାର୍ଗର ଅନୁସରଣ ଅଟେ । ଜ୍ଞାନ ସହିତ ଏକନିଷ୍ଠ ହେବା ଗୀତାର ପରମ ଉଦ୍ଦେଶ୍ୟ । ଗୀତାକାର କହିଛନ୍ତି ଯେ ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ– ଅର୍ଥାତ୍ ଜ୍ଞାନ ଠାରୁ ଶ୍ରେଷ୍ଠ ପବିତ୍ରକାରୀ କିଛି ନାହିଁ । ଭକ୍ତମାନଙ୍କ ମଧ୍ୟରେ ଜ୍ଞାନୀ ଭକ୍ତ ଈଶ୍ୱରଙ୍କର ସର୍ବାଧିକ ପ୍ରିୟ ।

ଗୀତାର ପ୍ରଥମ ମାନ୍ୟତା ହେଉଛି ସମସ୍ତ କର୍ମର ତ୍ୟାଗ ଅସମ୍ଭବ । ସ୍ୱଳ୍ପ ସମୟ ପାଇଁ ବି କେହି କର୍ମ କରିବା ବିନା ରହି ନ ପାରେ । କର୍ମ କରିବା ବିନା ଜୀବନର ସଂରକ୍ଷଣ ଅସମ୍ଭବ । ନିଷ୍ଠାବାନ୍ କର୍ମଯୋଗୀ ସକାଶେ କୃଷ୍ଣ ଯେଉଁ ସର୍ବୋଚ୍ଚ ସ୍ଥାନ ନିର୍ଦ୍ଧାରଣ କରିଛନ୍ତି, ତଦ୍ୱାରା ଗୀତାର କର୍ମରତ ମାର୍ଗର ଫଳପ୍ରାପ୍ତିର ଜ୍ଞାନ ହୋଇଥାଏ । ଏହାକୁ କର୍ମନିଷ୍ଠାର ମୂଳମନ୍ତ୍ର କୁହାଯାଏ । ଗୀତା ଉପନିଷଦର ସାର ହେବା କାରଣରୁ ବ୍ରହ୍ମବିଦ୍ୟା ଅଟେ । ଯେଉଁ ସାଧନା ଦ୍ୱାରା ବ୍ରହ୍ମତତ୍ତ୍ୱର ସାକ୍ଷାତ୍କାର କରାଯାଏ, ସେହି ଯୋଗ ପ୍ରତି ଗୀତାରେ ଦୃଷ୍ଟି ରହିଛି । ଗୀତା ପ୍ରବୃତ୍ତିପ୍ରଧାନ ଓ ନିବୃତ୍ତିପ୍ରଧାନ ଶାସ୍ତ୍ର ମଧ୍ୟ । ଗୀତାର କର୍ମଯୋଗ ଅନୁସାରେ ମାନବ ମଧ୍ୟରେ ଜୀବର ଅସ୍ତିତ୍ୱ ପର୍ଯ୍ୟନ୍ତ ସଂକଳ୍ପ ବିନା କର୍ମରତ ହେବା ଉଚିତ । ଏହା ବ୍ୟତୀତ ଈଶ୍ୱର ସାକ୍ଷାତ୍କାର ହେତୁ ଅନ୍ୟ ଶ୍ରେଷ୍ଠ ସାଧନ ନାହିଁ । ଏହା ଗୀତାର ସର୍ବାଙ୍ଗୀଣ ଓ ମହାନ୍ ବିଚାର ଅଟେ । କର୍ମପଥରେ ଅଗ୍ରସର ହେଉଥିବା ମନୁଷ୍ୟର ମନରୁ ନିଜ-ପରର ଭାବନା ମୂଳରୁ ନଷ୍ଟ ହୋଇଯାଏ ।

ଗୀତାରେ ମୋକ୍ଷପ୍ରାପ୍ତି ପାଇଁ ଦୁଇ ପ୍ରକାର ଉପାୟ ବତାଯାଇଛି- ପ୍ରଥମ ଜ୍ଞାନ ଅଥବା କର୍ମ ସନ୍ୟାସ ଦ୍ୱାରା ଏବଂ ଦ୍ୱିତୀୟ କର୍ମଯୋଗ ବା ନିଷ୍କାମ କର୍ମ ଦ୍ୱାରା । ଏଥି ମଧ୍ୟରେ ଦ୍ୱିତୀୟଟି ଅଧିକ ଶ୍ରେଷ୍ଠ । ଗୀତାର ବର୍ଣ୍ଣନ ଅନୁସାରେ କାମ୍ୟ କର୍ମର ଅନୁଷ୍ଠାନ କରିବା ଦ୍ୱାରା ମୋକ୍ଷ ମିଳେ ନାହିଁ, ତାହା ନିଷ୍କାମ କର୍ମ କରିବା ଦ୍ୱାରା ପ୍ରାପ୍ତ ହୋଇଥାଏ । ଏହି ନିଷ୍କାମ କର୍ମ ଯଜ୍ଞ ନାମରେ ପ୍ରସିଦ୍ଧ ।

ଗୀତାର ଏହି କର୍ମପଥ ଅତ୍ୟନ୍ତ ସାର୍ବଭୌମ । ଏହା ସହିତ ଉପଦେଷ୍ଟା ବି ମୁକ୍ତ ରହନ୍ତି ନାହିଁ, ବରଂ ଯୋଡ଼ି ହୋଇ ରହିଥାନ୍ତି । ଏହି କର୍ମାଚରଣ ସ୍ୱୟଂ ପାଇଁ ତ ମୋକ୍ଷଦାୟକ, ତା ସହିତ ଅନ୍ୟମାନଙ୍କ ପାଇଁ ବି ମଙ୍ଗଳକାରୀ । ଏହା ଦ୍ୱାରା ଲୋକସଂଗ୍ରହ ଓ ଲୋକକଲ୍ୟାଣ ହୋଇଥାଏ । ବ୍ୟକ୍ତିର ଗୁଣ ହିଁ ତା'ର ସୁଭାବ ହୋଇଥାଏ । ତାହା ଦ୍ୱାରା ମାନବର କର୍ତ୍ତବ୍ୟ ନିର୍ଣ୍ଣୟ ହୋଇଥାଏ । ଏହି ସ୍ୱଭାବ ବା ଗୁଣ ଅନୁସାରେ ଗୀତାରେ ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ ନିର୍ଦ୍ଧାରିତ । କେବଳ ମନୁଷ୍ୟ ହିଁ ନୁହେଁ, ବରଂ ଈଶ୍ୱର ମଧ୍ୟ କର୍ମ କରନ୍ତି । ସବୁ କିଛି କରି ମଧ୍ୟ ଈଶ୍ୱର କୌଣସି କର୍ମରେ ଆସକ୍ତି ରଖନ୍ତି ନାହିଁ ।

କର୍ମ ପାଇଁ କରାଯାଇଥିବା କର୍ମ ହିଁ ବାସ୍ତବିକ ଧର୍ମ । ଏହା ନିଷ୍କାମ କର୍ମଯୋଗ ଅଟେ । ଗୀତା କର୍ମମାର୍ଗ ଓ ଭକ୍ତିମାର୍ଗର ମଞ୍ଜୁଳ ସମନ୍ୱୟ ମଧ୍ୟ । କର୍ମ ସହିତ ଜଡ଼ିତ ଭକ୍ତି ଭାବନା ସାଧକର ଜୀବନକୁ ଅଧିକ ରସମୟ ଓ ରୋଚକ କରିଦିଏ । ପରମ ପଦ ପ୍ରାପ୍ତି ପାଇଁ ଇଚ୍ଛୁକ ସାଧକ ନିଜ କର୍ମଗୁଡ଼ିକର ଫଳର ଇଚ୍ଛା କରିବା ଅନୁଚିତ । କର୍ମ ଓ ଭକ୍ତି ବିନା ଜ୍ଞାନ ପ୍ରାପ୍ତି ଅସମ୍ଭବ । ପରାଶକ୍ତି ବିନା ଜ୍ଞାନ ବି ମିଳିପାରେ ନାହିଁ । ଅନାସକ୍ତ ଭାବରେ କର୍ମ କରିବା ବିନା ଭକ୍ତିର ପ୍ରାପ୍ତି ହୋଇ ନ ଥାଏ । ଏଣୁ ତିନିଟି ଯାକର ଅତ୍ୟନ୍ତ ଅଭିନ୍ନ ସମ୍ବନ୍ଧ ଅଛି ।

ଗୀତାରେ ତିନି ପ୍ରକାର ତତ୍ତ୍ୱର ସମାବେଶ ମିଳିଥାଏ - କ୍ଷର, ଅକ୍ଷର ଓ ପୁରୁଷୋତ୍ତମ । ଜଗତର ସମସ୍ତ ଜଡ଼ ପଦାର୍ଥ 'କ୍ଷର' ଅଟେ । ଏହା ଅଶ୍ୱହ, ଅଧିଭୂମି, କ୍ଷେତ୍ର ଓ ଅପରା ପ୍ରକୃତି ନାମରେ ମଧ୍ୟ ପ୍ରସିଦ୍ଧ । ଏହା କାରଣଗୁଡ଼ିକର, ବିକାର ଗୁଡ଼ିକର ଓ ଭୂତମାନଙ୍କର ମୂଳ କାରଣ । ଆକାଶ ଆଦି ପାଞ୍ଚ ଭୌତିକ ପରମାଣୁ ଓ ପାଞ୍ଚ ତନ୍ମାତ୍ରା ବିକାର ଅଟେ । ମନ, ଅହଂକାର, ବୁଦ୍ଧି, ପାଞ୍ଚ ଜ୍ଞାନେନ୍ଦ୍ରିୟ ଓ ପାଞ୍ଚ କର୍ମେନ୍ଦ୍ରିୟକୁ କରଣ କୁହାଯାଏ ।

ଏହା ଅତିରିକ୍ତ ଏଗୁଡ଼ିକରେ ଉତ୍ପନ୍ନ ରାଗ-ଦ୍ୱେଷ, ସୁଖ-ଦୁଃଖ, ପରମାଣୁର ସଂଘାତ, ଚେତନା ଓ ଧୃତି କ୍ଷର ଅଟେ । ଏଗୁଡ଼ିକ ମଧ୍ୟରୁ ପୃଥିବୀ, ଜଳ, ତେଜ, ଆକାଶ, ବାୟୁ, ମନସ୍, ବୁଦ୍ଧି ଓ ଅହଂକାର- ଏଇ ଆଠଟି ହେଉଛି ଭଗବାନଙ୍କ ଅପରା ପ୍ରକୃତିର ରୂପ । ଅକ୍ଷର ତତ୍ତ୍ୱକୁ ପରା ପ୍ରକୃତି ଓ କ୍ଷେତ୍ରଜ୍ଞ ମଧ୍ୟ କହନ୍ତି । ଏହା ଅପରା ପ୍ରକୃତି ଠାରୁ ଉଚ୍ଚକୋଟିର ଏହା ହିଁ ଜଗତକୁ ଧାରଣ କରିଥାଏ । କେବଳ ଅବିଦ୍ୟା କାରଣରୁ ଏହି ତତ୍ତ୍ୱ ଭଗବାନଙ୍କ ଠାରୁ ଭିନ୍ନ ଦେଖାଯାଏ । ଗୀତାରେ ମାୟା ଈଶ୍ୱରଙ୍କ ଦୈବୀଶକ୍ତି ରୂପେ ପ୍ରତିଷ୍ଠିତ । ଏହା ସର୍ବଦା ଈଶ୍ୱରଙ୍କ ସହିତ ରହିଥାଏ । ମାୟା ଦୃଶ୍ୟ ଜଗତ୍ର ଅଧାତ୍ରୀ । ଗୀତାର ମୌଳିକ ଚିନ୍ତନ ସର୍ବଥା ବିଲକ୍ଷଣ । ଏହା ମାନବ ସହିତ ମାନବକୁ ଯୋଡ଼ିଥାଏ ।

ଗୀତା କଳ୍ପତରୁ, ଯାହାର ଶୀତଳ ଛାୟାକୁ ଆସିଯିବା ଦ୍ୱାରା ସମଗ୍ର ଦୈହିକ, ଦୈବିକ ଓ ଭୌତିକ ତାପ ସମାପ୍ତ ହୋଇଯାଏ । ଗୀତା ସମସ୍ତଙ୍କ ସକାଶେ ସର୍ବକାଳୀନ ଓ ସାର୍ବଦେଶିକ । ଏଥିରେ ସିଦ୍ଧ ହୋଇଯିବା ପରେ ସ୍ୱୟଂ ମଧ୍ୟରେ ବୁଡ଼ି ରହିବା ଅପେକ୍ଷା ଲୋକସଂଗ୍ରହ ନିମନ୍ତେ ଅନବରତ କର୍ମ କରିବାର ଉପଦେଶ ରହିଛି । ନିଷ୍କାମ କର୍ମ କରୁ କରୁ ପୂର୍ଣ୍ଣ ନିଷ୍କାମତାର ଭାବନା ଆସିଯାଏ । ସମ୍ପୂର୍ଣ୍ଣ ବୈଦିକ ଓ ଉପନିଷଦ୍ ତତ୍ତ୍ୱଗୁଡ଼ିକର ମନ୍ଥନ କରି ଗୀତା ନିଷ୍କାମତାର ନବନୀତ ଦେଇଥାଏ, ଯଦ୍ୱାରା ଦିବ୍ୟଦୃଷ୍ଟି ଓ ଦିବ୍ୟ ଜୀବନ ପ୍ରାପ୍ତ ହୋଇଥାଏ ଏବଂ ଅମୃତତ୍ୱ ମିଳିଥାଏ ।।

ଗୀତା ସ୍ଥିତପ୍ରଜ୍ଞ ହେବାର ସ୍ଥିତିରେ ଲୋକସଂଗ୍ରହ ହେତୁ ନିୟତ କର୍ମ କରିବାକୁ ଅଧିକ ଶ୍ରେୟସ୍କର କହିଥାଏ । ନିଷ୍କାମ କର୍ମ କରିବା ପାଇଁ ଶୁଦ୍ଧ ବୁଦ୍ଧି ସାଙ୍ଗକୁ ପରିଷ୍କୃତ ହୃଦୟର ଆବଶ୍ୟକତା ରହିଛି । ମାନବ ଜୀବନରେ ଜ୍ଞାନ, ଭକ୍ତି ଓ କର୍ମ ଏପରି ଭାବରେ ଯୋଡ଼ି ହୋଇଛି ଯେ ସେଗୁଡ଼ିକୁ ପରସ୍ପର ଠାରୁ ଦୂରେଇ ପାରିବା କଠିନ ହୋଇଥାଏ । ଏହା ଜୀବନକୁ ଆଧ୍ୟାତ୍ମିକ ଗୁଣଗୁଡ଼ିକର ଅଜସ୍ର ସ୍ରୋତ ଦେଇଥାଏ ।

ଆଶାବାଦୀ ଦର୍ଶନରେ ଅନୁପ୍ରାଣିତ ଗୀତା ଅନୁସାରେ ମନର ନିଗ୍ରହ କରିବା ସହଜ ନୁହେଁ । ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ଏ ଉପରେ ନିୟନ୍ତ୍ରଣ ସମ୍ଭବ । ଏହା ହୃଦୟସ୍ପର୍ଶିନୀ ଦୃଷ୍ଟି ଓ ଲୋକଦୃଷ୍ଟିର ସଂବାହକ । ଏହା ସାଧକକୁ କେବଳ ଉପଦେଶ ହିଁ ଦିଏ ନାହିଁ, ବରଂ କଠିନତାଗୁଡ଼ିକ ପ୍ରତି ସହାନୁଭୂତି ମଧ୍ୟ ପ୍ରକଟ କରିଥାଏ । ବେଦାନ୍ତ ଭଳି ଗୀତା ମାୟାକୁ ଅବିଦ୍ୟା ସ୍ୱରୂପା କହେ ନାହିଁ । ମାନବ ମୂଲ୍ୟଗୁଡ଼ିକ ସହିତ ତାଦାତ୍ମ୍ୟ କରି ଜୀବନକୁ ଗତିମାନ କରିଥାଏ । ଶ୍ରୀକୃଷ୍ଣ ସ୍ୱୟଂ କହିଛନ୍ତି– "ଯଦି କଦାଚିତ୍ ଅସାବଧାନତାବଶତଃ ମୁଁ କର୍ମର ଅନୁସରଣ ନ କରିବି ତେବେ ହେ ଅର୍ଜୁନ ! ସବୁ ପ୍ରକାର ମନୁଷ୍ୟ ମୋର ଆଚରଣର ଅନୁସରଣ କରିବାରେ ଲାଗିବେ ଏବଂ କର୍ମଚ୍ୟୁତ ହେବା ଦ୍ୱାରା ବର୍ଣ୍ଣ ସଂକରଙ୍କ ମଧ୍ୟରେ ମୋର ଗଣନା କରାଯିବ ଓ ମୁଁ ସମସ୍ତ ପ୍ରଜାଙ୍କର ବିନାଶକ ହୋଇଯିବି ।'

ଗୀତ ଲୌକିକ-ପାରଲୌକିକ ଜ୍ଞାନ ପ୍ରାପ୍ତିର ମାର୍ଗଦର୍ଶକ ଏବଂ ଜୀବନ ସକାଶେ ସଞ୍ଜୀବନୀ ପ୍ରଦାୟକ ହୋଇଥାଏ । ଗୀତା ଶାଶ୍ୱତ ଚିନ୍ତନର ଅମୂଲ୍ୟ ଜୀବନଧାରା ମାନବତାର ସଂବାହକ ଅଟେ ।

## କ୍ରୋଧ ହେଉଛି.... (ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

ତା'ର ବ୍ୟବସାୟ ଓ କାରବାର ପ୍ରଭାବିତ ହୋଇଥାଏ ତଥା ଲୋକେ ମନେ ମନେ ତା'ର ଅମଙ୍ଗଳ କାମନା କରନ୍ତି ।

କ୍ରୋଧ ଯୋଗୁଁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ କ୍ଷତି ସହିବାକୁ ପଡ଼େ । ପ୍ରଜ୍ଞାପୁରୁଷ, ଦାର୍ଶନିକ, ମନୋବୈଜ୍ଞାନିକ, ଚିକିତ୍ସକ, ଶରୀରଶାସ୍ତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ମାଧ୍ୟମରେ ଏକଥା କୁହାଯାଇଛି ଆୟୁର୍ବେଦ କ୍ରୋଧକୁ ଅନେକ ବେମାରିର ଜନକ ମାନିଥାଏ । କ୍ରୋଧ ସ୍ଥିତିରେ ବ୍ୟକ୍ତିର ବିବେକଶୀଳତା ହ୍ରାସ ପାଇଯାଏ । ସେହି ସମୟରେ ପିତ୍ତର ପ୍ରକୋପ ଅଧିକ ହୋଇଯାଏ । ମୁହଁ ଓ ଆଖି ଲାଲ ପଡ଼ିଯାଏ । ଶରୀର ଟାଣି ହୋଇଯାଏ । ଓଠ କମିବାରେ ଲାଗେ ମୁଠା ବନ୍ଦ ହୋଇଯାଏ ତଣ୍ଟି ଶୁଖିଯାଏ ଓ ରକ୍ତଚାପ ବଢ଼ିଯାଏ ।

କ୍ରୋଧର ଆବେଶ ବଢ଼ିଗଲେ ବ୍ୟକ୍ତି ଅର୍ଦ୍ଧବିକ୍ଷିପ୍ତ ଭଳି ସ୍ଥିତିରେ ପହଞ୍ଚି ଯାଏ । ତା'ର ନିର୍ଣ୍ଣୟ କ୍ଷମତା, ବ୍ୟବହାର ସବୁ କିଛି ବିଚିତ୍ର ହୋଇଯାଏ । କ୍ରୋଧର ଆବେଶ ଯାହା ଉପରେ ସବାର ହୋଇଥାଏ ତା'ର ଗତିବିଧିଗୁଡ଼ିକୁ ଧ୍ୟାନପୂର୍ବକ ଦେଖିଲେ ଜଣାପଡ଼ିବ ଯେ ପାଗଳାମି ପାଇଁ ଆଉ ଅଳ୍ପ କିଛି ବାକି ରହିଯାଇଛି । ଅଧିକ କ୍ରୋଧ ଆସିଲେ ମସ୍ତିଷ୍କିୟ ଦ୍ରବ ଗରମ ହୋଇଯାଏ ଏବଂ ତାହାକୁ ଯଦି ଥଣ୍ଡା କରା ନଯାଏ ତେବେ ମାନସିକ ରୋଗରୁ ନେଇ ହତ୍ୟା ଓ ଆତ୍ମହତ୍ୟା ଭଳି କ୍ରୁର କାର୍ଯ୍ୟ କରିବାର ସ୍ଥିତି ଉତ୍ପନ୍ନ ହୋଇଯାଏ । କ୍ରୋଧରେ ଜର୍ଜରିତ ଚେହେରା ବିକୃତ ହୋଇଯାଏ ।

ଆଖି, ଓଠ, ନାକ ଆଦିରେ କ୍ରୋଧର ଭାବ ପ୍ରତ୍ୟକ୍ଷ ଦେଖାଯାଏ । ମୁହଁରୁ ଅଶିଷ୍ଟ ଓ ଅମର୍ଯ୍ୟାଦିତ ଶବ୍ଦର ଉଚ୍ଚାରଣ ହେବାରେ ଲାଗେ । ରକ୍ତ ପ୍ରବାହର ତୀବ୍ରତା ଯୋଗୁଁ ଶରୀର ଜଳିବା ପରି ଅନୁଭବ ହୁଏ । ହାତ-ଗୋଡ଼ କମିଯାଏ ତଥା ରୋମ ଟାଙ୍କୁରି ହୋଇଯିବାର ଦେଖାଯାଏ । କ୍ରୋଧ କାରଣରୁ ଶରୀରରେ ଉତ୍ପନ୍ନ ହେଉଥିବା ବିଷାକ୍ତ ଶର୍କରା ପାଚନଶକ୍ତି ପାଇଁ ସବୁଠାରୁ ବିପଜ୍ଜନକ । ଏହା ରକ୍ତକୁ ବିକୃତ କରି ଶରୀରକୁ ପୀତବର୍ଣ୍ଣ କରିଦିଏ, ଶିରାପ୍ରଶିରା ଗୁଡ଼ିକରେ ଚାପ, କଟିଶୂଳ ଆଦି ଉତ୍ପନ୍ନ କରିଥାଏ । ଆୟୁର୍ବେଦ ଅନୁସାରେ, କ୍ରୋଧ ଅବସ୍ଥାରେ ମା'ର ଦୁଧ ପିଇଲେ ପିଲାର ପେଟ ମୋଡ଼ି ହୁଏ ଏବଂ ସର୍ବଦା କ୍ରୋଧିତ ରହୁଥିବା ମା'ର ଦୁଧ କେବେ କେବେ ତ ଏତେ ବିଷାକ୍ତ ହୋଇଯାଏ ଯେ ପିଲାକୁ ଜୀର୍ଣ୍ଣ ରୋଗ ମଧ୍ୟ ହୋଇଯାଏ ।

ପ୍ରସିଦ୍ଧ ଚିକିତ୍ସାଶାସ୍ତ୍ରୀ ଡା. ଜେ. ଏଷ୍ଟରଙ୍କ କଥନ ହେଉଛି – "୧୫ ମିନିଟର କ୍ରୋଧ ବ୍ୟକ୍ତିର ସାଢ଼େ ନଅ ଘଣ୍ଟାର ଶ୍ରମ ସମାନ ଶକ୍ତିକୁ ନଷ୍ଟ କରିଦିଏ । କ୍ଷଣିକ କ୍ରୋଧରୁ ୧୬୦୦ ଆର.ବି.ସି. ପୋଡ଼ିଯାଏ । ଯେତେବେଳେ କି ସମତାର ଭାବ ଯୋଗୁଁ ୧୪୦୦ ଆର.ବି.ସି. ତିଆରି ହୋଇଥାଏ । କ୍ରୋଧ ସମାନ କୌଣସି ପାପ ନାହିଁ ଏବଂ କ୍ରୋଧ ସମାନ କୌଣସି ଶତ୍ରୁ ନାହିଁ । କ୍ରୋଧ ଅନର୍ଥର ମୂଳ । ତେଣୁ କ୍ରୋଧ ବର୍ଜିତ ଅଟେ । ମହାଭାରତରେ କ୍ରୋଧକୁ ଚଣ୍ଡାଳ ଆଖ୍ୟା ଦେଇ କୁହାଯାଇଛି – ଯେଉଁ

ମୁନି କ୍ରୋଧ କରିଥାନ୍ତି, ସେ ଚଣ୍ଡାଳ ଠାରୁ ବି ହୀନ । କ୍ରୋଧ ଦ୍ୱାରା ବ୍ୟକ୍ତିର କରଣୀୟ-ଅକରଣୀୟ ବିବେକ ଶୂନ୍ୟ ହୋଇଯାଏ । କ୍ରୋଧ ତା'ର ବିବେକକୁ ନଷ୍ଟ କରିଦିଏ ।" ପାଶ୍ଚାତ୍ୟ ବିଦ୍ୱାନ୍ ଏଙ୍ଗଲ ସୋଲ ମଧ୍ୟ କ୍ରୋଧ ଜନିତ ହାନି ସମ୍ବନ୍ଧରେ କହିଛନ୍ତି– "କ୍ରୋଧ ମନର ଦୀପକୁ ଲିଭାଇ ଦିଏ । କ୍ରୋଧରେ ବ୍ୟକ୍ତିର କଥା କହିବା ପ୍ରତି ଧ୍ୟାନ ରହେ ନାହିଁ । ସେ ଅମର୍ଯ୍ୟାଦିତ ଭାବରେ ଅପଶବ୍ଦ କହିଥାଏ । କ୍ରୋଧାବେଶରେ ବ୍ୟକ୍ତି ଆଖି ବନ୍ଦ କରିଦିଏ ଏବଂ ମୁହଁ ଖୋଲିଦିଏ ।

କ୍ରୋଧକୁ ଦୂର କରିବାର ଉପାୟ ସମ୍ବନ୍ଧରେ ଭଗବାନ ମହାବୀର କହିଛନ୍ତି- ଶୁଭ କାର୍ଯ୍ୟ କରିବାର ଥିଲେ ସେଥିରେ କ୍ଷଣେ ମାତ୍ର ପ୍ରମାଦ କରିବା ଅନୁଚିତ । ଅଶୁଭ କାର୍ଯ୍ୟ କରିବାର ଥିଲେ ସେଥିରେ ଅଧିକାଧିକ ବିଳମ୍ବ କର, ଯଦ୍ୱାରା ତାହାକୁ କରିବାର ସମ୍ଭାବନା ସମୂଳେ ନଷ୍ଟ ହୋଇଯିବ । କ୍ରୋଧ ଆସିବା ମାତ୍ରେ ଆମେ ମୌନ ଧାରଣ କରିନେବା । ନିଜ ମନରେ ଶହେ ପର୍ଯ୍ୟନ୍ତ ସଂଖ୍ୟା ଗଣିବା । କ୍ରୋଧ ପରିସ୍ଥିତି ଜନିତ ହୋଇଥାଏ, ଏଣୁ ଆମେ ସେହି ପରିସ୍ଥିତିଗୁଡ଼ିକର ଯାଞ୍ଚ ପରଖ କରିବା ଏବଂ କ୍ରୋଧ ଉତ୍ପନ୍ନକାରୀ କାରକଗୁଡ଼ିକ ଦୂର କରିବାର ପ୍ରୟାସ କରିବା । ନିଜର କ୍ରୋଧକୁ ଆମେ ସର୍ବଦା ସଂଯମିତ ଓ ନିୟନ୍ତ୍ରିତ କରିବା ଉଚିତ ।

# ବିକାଶ ସ୍କୁଲରେ ଛାତ୍ରଙ୍କୁ ଉଲଗ୍ନ କରି ଚପଲରେ ମାଡ଼

ସମ୍ବଲପୁର : ଶାସନ ନିକଟସ୍ଥ ବିକାଶ ସ୍କୁଲର ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ସହ ହଷ୍ଟେଲ୍ ମଧରେ ତାଙ୍କର କିଛି ସହପାଠୀ ଅମାନୁଷିକ ଅତ୍ୟାଚାର କରିଥିବା ନେଇ ଅଭିଯୋଗ ହୋଇଛି । ଉକ୍ତ ଛାତ୍ରଙ୍କୁ ଉଲଗ୍ନ କରିବା ପରେ ତାଙ୍କ ଗୋଡ଼ ହାତ ବାନ୍ଧି ନିସ୍ତୁକ ପିଟିଥିଲେ । ଏନେଇ ଅଭିଯୋଗ ହେବା ପରେ ସ୍କୁଲ କର୍ତ୍ତୃପକ୍ଷ ଶୃଙ୍ଖଳା କମିଟିର ବୈଠକ ଡାକି ଘଟଣାରେ ସମ୍ପୃକ୍ତ ୮ ଜଣ ଛାତ୍ରଙ୍କୁ ହଷ୍ଟେଲ୍‌ରୁ ବିଦା କରିଛନ୍ତି । ସେପଟେ, ଯେଉଁ ୱାର୍ଡେନ୍ ସେହି ସମୟରେ ଡ୍ୟୁଟିରେ ଥିଲେ ତାଙ୍କ ବିରୋଧରେ ବି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଟି ନିଷ୍ପତ୍ତି ନେଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଅଭିଯୋଗ ଅନୁସାରେ, କୁଚିଣ୍ଡାର ଜଣେ ଦଶମ ଶ୍ରେଣୀର ଛାତ୍ର ଏହି ବିଦ୍ୟାଳୟରେ ତିନି ବର୍ଷ ହେବ ପାଠ ପଢୁଛନ୍ତି । ଆବାସିକ ବିଦ୍ୟାଳୟ ହୋଇଥିବାରୁ ସେ ଛାତ୍ରାବାସରେ ରହୁଛନ୍ତି । ତେବେ ଗତ ୧୭ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ଛାତ୍ରଜଣଙ୍କ ତାଙ୍କ ରୁମ୍‌ରେ ଥିବା ବେଳେ ଦୁଇ ଜଣ ସହପାଠୀ ଆସି ସେଠାରେ ପହଞ୍ଚିଥିଲେ । କିଛି ନ କହି ଉକ୍ତ ଦୁଇ ଛାତ୍ର ଅଭିଯୋଗକାରୀ ଛାତ୍ରଙ୍କୁ ସେଠାରୁ ୨୦୬ ନଂ କୋଠରୀକୁ ଟାଣି ନେଇଥିଲେ । ପ୍ରଥମେ ଏହି ଛାତ୍ରଙ୍କ ଦୁଇ ହାତକୁ ଟାଣି ଧରିବା ପରେ ଏକ ଗାମୁଛାରେ ବାନ୍ଧି ଦେଇଥିଲେ । ଏହାପରେ ତାଙ୍କ ପ୍ୟାଣ୍ଟ ଓ ଅନ୍ତଃବସ୍ତ୍ର କାଢ଼ି ତାଙ୍କୁ ଚପଲରେ ନିସ୍ତୁକ ମାଡ଼ ମାରିଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଉକ୍ତ ଛାତ୍ରଙ୍କୁ ଏଭଳି ଆକ୍ରମଣ କରାଯିବାର କାରଣ ବି କେହି ଜାଣିପାରି ନ ଥିଲେ । ବରଂ ଅନ୍ୟ କିଛି ଛାତ୍ର ସେଠାରେ ଉପସ୍ଥିତ ରହି ତମାମ୍ ଘଟଣାକୁ ଉପଭୋଗ କରୁଥିଲେ । କିଛି ସମୟ ପରେ ତାଙ୍କୁ ଆକ୍ରମଣ କରୁଥିବା ଛାତ୍ରମାନେ ସେଠାରୁ ଚାଲି ଯାଇଥିଲେ । ଏହାପରେ ଏହି ଛାତ୍ରଜଣଙ୍କ ୱାର୍ଡେନ୍‌ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ତେବେ ଅଧକ୍ଷ ଆସୁଛନ୍ତି ଓ ଘଟଣା ସମ୍ପର୍କରେ ଅଭିଯୋଗ ହେବ କହି ୱାର୍ଡେନ୍ ବି ପ୍ରସଙ୍ଗରୁ ଏଡ଼ାଇ ଯାଇଥିବା ଅଭିଯୋଗ ହୋଇଛି ।

୧୮ ତାରିଖରେ ଛାତ୍ରଜଣଙ୍କ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବି ଏନେଇ ଅବଗତ କରିଥିଲେ । କିନ୍ତୁ ସେ ଘର ଲୋକଙ୍କୁ ଜଣାଇବା ପାଇଁ ଅନୁରୋଧ କରିଥିଲେ ସୁଦ୍ଧା ତାଙ୍କୁ ଅନୁମତି ମିଳି ପାରି ନଥିଲା । ୧୯ ତାରିଖରେ ପରିବାର ଲୋକେ ସୂଚନା ପାଇବା ପରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ । ଏହାପରେ ସ୍କୁଲ କର୍ତ୍ତୃପକ୍ଷ ଶୃଙ୍ଖଳା କମିଟି ବୈଠକ ଡାକିଥିଲେ । ଛାତ୍ରାବାସରେ ସେହି ସମୟରେ ଉପସ୍ଥିତ ଥିବା ସମସ୍ତ ଛାତ୍ରଙ୍କୁ ଡାକି ପଚରାଉଚରା ପରେ ତମାମ୍ ଘଟଣା ଜଣାପଡ଼ିଥିଲା । ଏହି ସମୟରେ ଯେଉଁମାନେ ଘଟଣାରେ ସାମିଲ୍ ଥିଲେ ତଥା ଚୁପ୍ ରହି ଘଟଣାକୁ ଉପଭୋଗ କରିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସେପଟେ, ଘଟଣା ସମୟରେ ଉପସ୍ଥିତ ଥିବା ୱାର୍ଡେନ୍ ଏବେ ଛୁଟିରେ ଥିବାରୁ ଯୋଗଦାନ ପରେ ତାଙ୍କ ବିରୋଧରେ ବି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍କୁଲ ପକ୍ଷରୁ କୁହାଯାଇଛି । ସେପଟେ ସ୍କୁଲ କର୍ତ୍ତୃପକ୍ଷ ଏକ ପ୍ରେସ୍ ବିବୃତି ଜାରିକରି ଏହା କିଶୋରାବସ୍ଥାର ଦୁଷ୍ଟାମୀ ବୋଲି କହିଛନ୍ତି । ଏହା ଛାତ୍ରମାନଙ୍କ ଭିତରେ ସାମାନ୍ୟ ମନୋମାଳିନ୍ୟ ଯୋଗୁଁ ଘଟିଛି । ଘଟଣା ଜାଣିବା ପରେ ମାଡ଼ମରା ହୋଇଥିବା ଛାତ୍ରର ଅବିଭାବକଙ୍କୁ ଡାକି ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା ଏବଂ ଅବିଭାବକ କର୍ତ୍ତୃପକ୍ଷଙ୍କ କଥାରେ ରାଜି ହୋଇ ନିଜ ପୁଅକୁ ଘରକୁ ନେଇ ଯାଇଥିଲେ । ଏହି ଘଟଣାରେ ମାଡ଼ମାରିଥିବା ଛାତ୍ରଙ୍କୁ ସ୍କୁଲ କର୍ତ୍ତୃପକ୍ଷ ନିଲମ୍ବିତ କରିଥିବା ବେଳେ ସେମାନଙ୍କ ତତ୍ତ୍ୱାବଧାନରେ ଥିବା ୱାର୍ଡେନ୍‌ଙ୍କ ବିରୋଧରେ ବି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ସ୍କୁଲ କର୍ତ୍ତୃପକ୍ଷ ଓ ଶୃଙ୍ଖଳା କମିଟିର ସଦସ୍ୟ ମାଡ଼ ଖାଇଥିବା ଉକ୍ତ ଛାତ୍ରଙ୍କ ଘରକୁ ଯାଇ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବଗତ କରିଛନ୍ତି । ଦିନେ ଦୁଇଦିନ ମଧରେ ଉକ୍ତ ଛାତ୍ର ବିଦ୍ୟାଳୟକୁ ଫେରିବେ । ଏହାବାଦ୍ ଆଗାମୀ ଦିନରେ ଯେଭଳି ଭାବେ ଏଭଳି ଘଟଣାର ପୁନରାବୃତ୍ତି ନହେବ ସେଥିପାଇଁ ସ୍କୁଲ କର୍ତ୍ତୃପକ୍ଷ ତତ୍ପର ରହିବେ ବୋଲି ବିବୃତିରେ ସୂଚନା ଦେଇଛନ୍ତି ।

## କଟରା ବୁଢ଼ା ବାହାଲ ଗ୍ରାମରେ ବାଦପାଲା

ସୁନ୍ଦରଗଡ଼ : କଟରା ବୁଢ଼ାବହାଲ ଗ୍ରାମରେ ଚୈତ୍ୟ ପୂର୍ଣ୍ଣିମା ଉତ୍ସବ ପାଳନ ଅବସରରେ ବାଦପାଲା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପାଲାଗାୟିକା ବର୍ଷାରାଣୀ ଅଇନ ଏବଂ ବର୍ଷାରାଣୀ ଦାସଙ୍କ ମଧରେ ବାଦପାଲା ଅନୁଷ୍ଠିତ ହୋଇଥିଲା । ସତୀ ଅନୁସୟା ଉପରେ ପାଲା ଗାୟିକାମାନେ ପାଲା ପରିବେଷଣ କରିଥିଲେ । ଏଥିରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ସଭାପତି କୁନ୍ତି ପ୍ରଧାନ ଏବଂ ସିଦ୍ଧେଶ୍ୱରୀ ଧର୍ମ ସଂସଦର ସଭାପତି ଗୋପୀନାଥ ଷଡ଼ଙ୍ଗୀ ଅତିଥି ଭାବେ ଯୋଗ ଦେଇଥିଲେ ।

## ମଞ୍ଚଶିଳ୍ପୀ ପ୍ରଦୀପ ପଣ୍ଡାଙ୍କୁ ନବଜୀବନ ସମ୍ମାନ

ସୁନ୍ଦରଗଡ଼ : ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ପ୍ରଦୀପ ପଣ୍ଡାଙ୍କୁ ନବଜୀବନ ସମ୍ମାନ - ୨୦୨୨ରେ ସମ୍ମାନିତ କରାଯାଇଛି । ସଂସ୍ଥା ପକ୍ଷରୁ ଆୟୋଜିତ ବସନ୍ତ ମହୋତ୍ସବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଂପାଦକ ପ୍ରବୋଧ ରଥ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ସୁନ୍ଦରଗଡ଼ ପୌର ପରିଷଦର ଅଧକ୍ଷା ଶ୍ରୀମତୀ ତନୟା ମିଶ୍ର, ଉପାଧକ୍ଷ ଲଲାଟେନ୍ଦୁ ପରିଡ଼ା, ନବଜୀବନର ସଭାପତି ପ୍ରଦୀପ ଭୋଳ ପ୍ରମୁଖ ଉପସ୍ଥିତ ଥିବା ବେଳେ ପ୍ରଫେସର ନରେନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା ଏବଂ ମାନପତ୍ର ପାଠ କରିଥିଲେ ।

## ରାଜବୋଡ଼ାସମ୍ବର ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ଉତ୍ସବ

ପଦ୍ମପୁର : ପିଲାମାନଙ୍କୁ ଅସତ୍ୟ ପଥରୁ ଦୁରେଇ ସତ୍ୟ ପଥର ପଥିକ କରିବା ସହ ଖୁସୀରେ ବଞ୍ଚିବାର କଳା ଶିଖାଇବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଆହ୍ୱାନ ଦେଇଛନ୍ତି । ସ୍ଥାନୀୟ ରାଜବୋଡ଼ା ସମ୍ବର ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟପାଳ କହିଥିଲେ ଯେ, ଅନ୍ୟକୁ ଭଲ ପାଅ, ସମ୍ମାନ ଦିଅ ଓ ଅନ୍ୟର ସମ୍ମାନକୁ ଗ୍ରହଣ କର । ଓଡ଼ିଶାର ମହାନ ସଂସ୍କୃତି ଓ ପରମ୍ପରା ଉପରେ ମଧ ସେ ଉଦବୋଧନ ଦେଇଥିଲେ । ନାଟ୍ୟକାର ଅଶୋକ ବହିଦାରଙ୍କ ସଂଯୋଜନା ତଥା ପ୍ଲାଟିନମ ଜୁବୁଲି କମିଟି ସଭାପତି ବିଧାୟକ ବିଜୟରଞ୍ଜନ ସିଂ ବରିହାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପୁରାତନ ଛାତ୍ର ବିଧାୟକ ମୁକେଶ ମହାଲିଙ୍ଗ, ଆଇଆରଏସ୍ ବିଜୟ ଯୋଶୀ, ହାଇସ୍କୁଲ ପ୍ରଧାନ ଶିକ୍ଷକ ଧର୍ମକୁମାର ଶତପଥି ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ରାଜ୍ୟପାଳ ଅନୁଷ୍ଠାନରେ କାର୍ଯ୍ୟ କରିଥିବା ବିଶିକେଶନ ଦୋରା, ଭଗବାନ ପାଣିଗ୍ରାହୀ, କ୍ଷୀରୋଦ ନିବାସୀ ପଣ୍ଡା, ରଙ୍କମଣି ସାହୁ, ସରୋଜ ଭୋଇ ଓ ଧରମ ଶତପଥିଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଜୁବୁଲି ପାଳନ କମିଟି ସମ୍ପାଦକ ଡାକ୍ତର ବିରଞ୍ଚି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଏହି ଦୁଇଦିନିଆ ଜୁବୁଲି ମହୋତ୍ସବକୁ ପୂର୍ବଦିନ ଉଦଘାଟନ କରିଥିଲେ ।




## ତାପସ ସ୍ୱାଇଁ ପୁଲିସ୍ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ

ସମ୍ବଲପୁର : ରାସ୍ତାରୁ ପାଇଥିବା ୨୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଫେରାଇଥିବା ତାପସ କୁମାର ସ୍ୱାଇଁଙ୍କୁ ଜିଲ୍ଲା ପୁଲିସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ତାପସଙ୍କୁ ସସମ୍ମାନେ ଡାକି ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡାଙ୍କ ଉପସ୍ଥିତିରେ ଏସ୍‌ପି ବି. ଗଂଗାଧର ତାଙ୍କୁ ହଜାରେ ଟଙ୍କା ପୁରସ୍କାର ଦେବା ସହିତ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଏସ୍‌ଆର୍‌ଆଇଟି କଲୋନିରେ ରହୁଥିବା ସୌଦାମିନୀ ପତି କୌଣସି କାମରେ ସହର ବାହାରକୁ ଯିବାର ଥିଲା । ତେଣୁ, ଏସ୍‌ଆର୍‌ଆଇଟି ପାଖ କଲ୍ୟାଣ ନଗରରେ ରହୁଥିବା ତାଙ୍କ ଝିଅ କଳ୍ପନା ସାହୁଙ୍କୁ ଫୋନ୍‌କରି ସୁନା ଅଳଙ୍କାର ନେଇଯିବା ପାଇଁ ଘରକୁ ଡାକିଥିଲେ । ସନ୍ଧ୍ୟା ସାଢ଼େ ୭ଟା ସମୟରେ ଏକ ସ୍କୁଟିରେ ଘରୁ ଯାଉଥିବା ବେଳେ ରାସ୍ତାରେ ସୁନା ଅଳଙ୍କାର ଥିବା ବ୍ୟାଗ୍ ପଡ଼ି ଯାଇଥିଲା । ସେହି ସମୟରେ ସାନ୍ଧ୍ୟଭ୍ରମଣରୁ ଫେରୁଥିବା ଏସ୍‌ଆରଆଇଟି କଲୋନିର ବାସିନ୍ଦା ତାପସ କୁମାର ଉକ୍ତ ଅଳଙ୍କାର ଭର୍ତ୍ତି ବ୍ୟାଗ୍ ପାଇଥିଲେ । ସେ ସଂଗେ ସଂଗେ କଲୋନିର ସଂପାଦକ ଆଇନଜୀବୀ ଚନ୍ଦ୍ରକାନ୍ତ ମହାନ୍ତି ସହିତ ଅଇଁଠାପାଲି ଥାନାକୁ ଯାଇ ଆଇଆଇସି ଯୋଗେଶ ପଣ୍ଡାଙ୍କୁ ହସ୍ତାନ୍ତର କରିଥିଲେ । ୧୧ଟାରେ ଅଳଙ୍କାର ସବୁକୁ ଉଭୟ ମା'ଝିଅଙ୍କୁ ସୁନା ଅଳଙ୍କାର ଫେରାଇ ଥିଲେ । ତାପସ ଆଂଚଳିକ ଶିକ୍ଷା ନିର୍ଦ୍ଦେଶାଳୟରେ ବରିଷ୍ଠ ସହାୟକ ଭାବେ କାର୍ଯ୍ୟରତ ଥିବା ଜଣାପଡ଼ିଛି ।





## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

ଶ୍ରୀ ଜଗତ

24 - 30 April 2022



# ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ 'ବିଷୁବ ମିଳନ'











ଭୁବନେଶ୍ୱର: ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ' ପକ୍ଷରୁ 'ବିଷୁବମିଳନ' ଅନୁଷ୍ଠିତ ହୋଇ ଯାଇଛି । ଭଞ୍ଜଭାରତୀର ସଭାପତି ନୀଳାଦ୍ରିମୋହନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରଣବିନ୍ଦୁ ଆଚାର୍ଯ୍ୟ, ପ୍ରାକ୍ତନ ପ୍ରଶାସକ ତଥା କବି ରବିନାରାୟଣ ସେନାପତି, ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ କବି ଶରତ କୁମାର ଦାଶ, ନନ୍ଦିଘୋଷ ଟିଭିର ସମ୍ପାଦକ କବି ଶିଶିର ଭଞ୍ଜମିଶ୍ର, ବରିଷ୍ଠ ପ୍ରଶାସକ ଦିଲ୍ଲୀପ ରାଉତରାୟ, ସୂଚନା ଲୋକସଂପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ବରିଷ୍ଠ ରେଳପ୍ରଶାସକ ଦିଲ୍ଲୀପ ସାମନ୍ତରାୟ, ୟୁନିଅନ୍ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, ଚିନ୍ତା ଓ ଚେତନାର ରାଷ୍ଟ୍ରିୟ ମହାସଚିବ ସୁରେନ୍ଦ୍ରନାଥ ଦାସ, କବୟିତ୍ରୀ ସଞ୍ଚିତା ଦାସ, ବିନାୟକ ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱତନ୍ତ୍ରଭାବେ ଆୟୋଜିତ କବିତା ଓ ଗଳ୍ପ ପାଠୋତ୍ସବରେ ଡକ୍ଟର ବେଣୁଧର ଦାସ, କାବ୍ୟକଳ୍ପିତା ସାହୁ, ପ୍ରସନ୍ନ ବେହେରା, ମେଧର ଷଡଙ୍ଗୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଦୀପ୍ତିମୟୀ ଦାସ ଶ୍ଳୋକପାଠ କରିଥିବା ବେଳେ ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁର, ସୁକାନ୍ତ କୁଣ୍ଡୁ, ଶିବ ପଟ୍ଟନାୟକ, ଡକ୍ଟର ମୃତ୍ୟୁଞ୍ଜୟ ରଥ, ଅଶୋକ କୁମାର ମିଶ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ ଏବଂ ତ୍ରୀଶା ଦାଶଙ୍କ ଏକକ ଓଡିଶୀନୃତ୍ୟ ସହ ପ୍ରଜ୍ଞାନୃତ୍ୟାୟନର କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶୈଳଜା ମିଶ୍ର ଓ ସଂଚାଳନା କରିଥିଲେ ବିଜୟା ମିଶ୍ର । ଭଞ୍ଜଭାରତୀର ସଦସ୍ୟ ବିମଳ ପଟ୍ଟନାୟକ, ସୁକାନ୍ତ ଗିରି, ପବିତ୍ର ମୋହନ ସାହୁ ଓ ସଂପାଦକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଅନୁଷ୍ଠାନର ଉପସଭାପତି ମିଳନକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଉପସ୍ଥିତ ଦର୍ଶକମାନେ ସୁସ୍ୱାଦୁ ବେଲପଣା ସହ ଓଡିଆଘରର ପାରମ୍ପରିକ ପିଠା-ମିଠାର ମଜା ନେଇଥିଲେ ।

## ଅସୁସ୍ଥ ସାମ୍ବାଦିକ ପ୍ରଫୁଲ୍ଲ ପଣ୍ଡାଙ୍କୁ ଭେଟିଲେ ରାଜ୍ୟପାଳ





ସମ୍ବଲପୁର : ଦୀର୍ଘଦିନ ଧରି ହୃଦ୍ ରୋଗରେ ଆକ୍ରାନ୍ତ ଥିବା ସାମ୍ବାଦିକ ପ୍ରଫୁଲ୍ଲ ପଣ୍ଡାଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କ କୁଲୁତ୍ କାନି ବାସଭବନକୁ ଯାଇ ସାକ୍ଷାତ କରିଥିଲେ । ରାଜ୍ୟପାଳ ପ୍ରଫୁଲ୍ଲଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସାଙ୍ଗକୁ ବର୍ତ୍ତମାନ ପରିସ୍ଥିତିରେ ଭାଙ୍ଗି ନ ପଡ଼ି ନିୟମିତ ଔଷଧ ସେବନ, ସଠିକ୍ ଚିକିତ୍ସା କରିବା ପାଇଁ ପରାମର୍ଶ ଦେଇ ଗଭୀର ସହାନୁଭୂତି ଜଣାଇ ଆଶୀର୍ବାଦ ପ୍ରଦାନ କରି ଥିଲେ । କଠିନ ପରିସ୍ଥିତି ମଣିଷକୁ ଅଧିକ ମଜଭୁତ କରେ ବୋଲି ରାଜ୍ୟପାଳ ପ୍ରଫୁଲ୍ଲଙ୍କୁ ବୁଝାଇ ଥିଲେ । ଏହି ଅବସରରେ ରାଜ୍ୟପାଳଙ୍କୁ ପ୍ରଫୁଲ୍ଲ ଗୋଟିଏ ଜଗନ୍ନାଥ ମୂର୍ତ୍ତି, ପଦ୍ମ ଫୁଲ ଉପହାର ଦେଇ ଆଶୀର୍ବାଦ ଭିକ୍ଷା କରିଥଲେ । ଏହି ଅବସରରେ ପ୍ରଫୁଲ୍ଲଙ୍କ ଧର୍ମ ପତ୍ନୀ ମୀନା ପଣ୍ଡା ରାଜ୍ୟପାଳଙ୍କୁ ଜୀବନ ଦର୍ଶନ ଉପରେ କେତୋଟି ପ୍ରଶ୍ନ ପଚାରି ଥିଲେ । ରାଜ୍ୟପାଳ ଅତି ଚମତ୍କାର ଭାବେ ସର୍ବ ସମ୍ମୁଖରେ ତାର ଉତ୍ତର ପ୍ରଦାନ କରିଥିଲେ ।

## 'ଆଲୋକ' ଶିଶୁ ପତ୍ରିକା ଉନ୍ମୋଚିତ



ବୁର୍ଲା : 'ଆଲୋକ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ପ୍ରକାଶିତ ହୋଇ ଆସୁଥିବା ତ୍ରୈମାସିକ ଶିଶୁ ସାହିତ୍ୟ ପତ୍ରିକାର ତୃତୀୟ ବର୍ଷ ପ୍ରଥମ ସଂଖ୍ୟା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ରାଜ୍ୟପାଳ ସମ୍ବଲପୁର ଜିଲ୍ଲା ଗସ୍ତରେ ଆସିଥିବା ବେଳେ ଆଲୋକ ଅନୁଷ୍ଠାନର ସଦସ୍ୟମାନେ ସମ୍ପାଦକ ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କୁ ଅଶୋକ ନିବାସଠାରେ ଭେଟି ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ ଏବଂ ଜାତୀୟ ସ୍ତରୀୟ ଶିଶୁ ପ୍ରତିଯୋଗିତାରେ ଉତ୍ତମ କରିଥିବା ଶିଶୁର ଚିତ୍ରାଙ୍କନ ପ୍ରଦାନ କରିଥିଲେ । ଏହି ଅବସରେ 'ଆଲୋକ' ଶିଶୁ ପତ୍ରିକାର ପତ୍ରିକା ସମ୍ପାଦକ ଡ଼କ୍ଟର ସ୍ୱୟଂ ପ୍ରକାଶ ପଣ୍ଡା, ପତ୍ରିକା ଉପଦେଷ୍ଟା ଲକ୍ଷ୍ମୀ ନାରାୟଣ ପଣ୍ଡା, ସଦସ୍ୟ ବିଶ୍ୱନାଥ ବେହେରା ଉପସ୍ଥିତ ଥିଲେ ।

## ବିବାହ ବନ୍ଧନରେ ସମ୍ବଲପୁର ଜିଲ୍ଲାପାଳ



ସମ୍ବଲପୁର : ସମ୍ବଲପୁର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ବିବାହ ଢେଙ୍କାନାଳ ଜିଲ୍ଲା ଭାପୁର ନିକଟସ୍ଥ କାକୁଡ଼ିଭାଗ ଗାଁ'ର ଆଇନ୍‌ଜୀବୀ ଈଶ୍ୱର ଚନ୍ଦ୍ର ବିଶ୍ୱାଳ ଏବଂ ଉର୍ମିଳା ଲେଙ୍କାଙ୍କ କନ୍ୟା ସ୍ମିତା ସ୍ୱାଗତିକାଙ୍କ ସହ ସମ୍ପନ୍ନ ହୋଇଛି । ବାଲେଶ୍ୱର ଠାରେ ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ଏହି ବିବାହ ସମ୍ପନ୍ନ ହୋଇଥିବା ବେଳେ ବିବାହ ଭୋଜି ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ବାଲେଶ୍ୱର ସହର ଉପକଣ୍ଠ ଭୀମପୁରା ସ୍ଥିତ ନୀଳାଦ୍ରି କଲ୍ୟାଣ ମଣ୍ଡପରେ ଭରପୂର ଆୟୋଜନ କରାଯାଇଥିଲା ।

ବିବାହୋତ୍ସବରେ ଉଭୟଙ୍କ ପରିବାର, ବନ୍ଧୁବାନ୍ଧବଙ୍କ ସମେତ ପ୍ରାଶାସନିକ ଓ ପୁଲିସ ଅଧିକାରୀ ସାମିଲ ହୋଇଥିଲେ । ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଯୋଧାର ମୂଳବାସିନ୍ଦା ସ୍ୱର୍ଗତ ଇଂ ପ୍ରସନ୍ନ କୁମାର ପରିଡ଼ା ଏବଂ ମାୟାବିନୀ ଜେନାଙ୍କ ପୁତ୍ର ୨୦୧୬ ବ୍ୟାଚ୍ ଆଇଏଏସ୍ ଅଧିକାରୀ ହେଉଛନ୍ତି ଦିବ୍ୟଜ୍ୟୋତି । ଗତ ଜାନୁଆରି ମାସ ୫ ତାରିଖରେ ସେ ସମ୍ବଲପୁର ଜିଲ୍ଲାପାଳ ଭାବେ ଦାୟିତ୍ୱ ନେଇଥିଲେ । ବାପାମା' କଟକ ବିଦ୍ୟାଧରପୁର ସ୍ଥିତ ନ୍ୟାସନାଲ ରାଇସ ରିସର୍ଚ୍ଚ ସେଣ୍ଟର (ଏନ୍ ଆର୍‌ଆର୍‌ସି)ରେ କାର୍ଯ୍ୟରତ ଥିବା ବେଳେ ଦିବ୍ୟଜ୍ୟୋତିଙ୍କ ପିଲାଦିନ କଟକରେ ବିତିଥିଲା । ସେଠାରେ ସ୍କୁଲ, କଲେଜ ଶିକ୍ଷା ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇ ସେ ସଫଳ ହୋଇଥିଲେ ।

## ସୋନପୁର ଉପାଧ୍ୟକ୍ଷା ହେଲେ ମଲ୍ଲିକା ଦାନୀ



ସୋନପୁର : ସୋନପୁର ପୌରପରିଷଦ ଦୁଇ ନମ୍ବର ୱାର୍ଡର ବିଜେଡି କାଉନ୍‌ସିଲର ମଲ୍ଲିକା ଦାନୀ ଉପାଧ୍ୟକ୍ଷା ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଏଥିପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସାଙ୍ଗକୁ ସାଂସ୍କୃତିକ ସହର ସୁବର୍ଣ୍ଣପୁରକୁ ଏକ ବିକଶିତ ସହର ଭାବେ ଗଢି ତୋଳିବା ପାଇଁ ଉଦ୍ୟମ କରିବି ବୋଲି କହିଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ମଧ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ମଲ୍ଲିକା ହେଉଛନ୍ତି ଘୋଡ଼ାଘାଟପଡ଼ାର ପ୍ରଭାତ ଦାନୀଙ୍କ ଧର୍ମପତ୍ନୀ ତଥା ସମ୍ବଲପୁର ପଟ୍ଟନାୟକପଡ଼ାର ସ୍ୱର୍ଗତ ଦେବେନ୍ଦ୍ର ସାହାଣୀଙ୍କ କନ୍ୟା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra